ଆଜି - ବୁଧବାର
ତାରିଖ - ୨୯ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୧୩
ତିଥି - ପୂର୍ଣ୍ଣିମା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଉତରାଷାଢ଼ା, ମକର ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୪ : ୦୦
ସୂର୍ଯ୍ୟାସ୍ତ - ୬ : ୨୧: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଗୋଟିଏ ଫୁଲର ଚମତ୍କାରିତାକୁ ଯଦି ଆମେ ସ୍ପଷ୍ଟ ଭାବରେ ଦେଖି ପାରିବୁ, ତା'ହେଲେ ସାରା ଜୀବନ ବଦଳି ଯାଇ ପାରିବ ।"
- ଗୌତମ ବୁଦ୍ଧ


E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 106 R.N.I. REGD. No. 44026/86 ବାଲେଶ୍ୱର ୨୯ ଜୁଲାଇ ୨୦୨୬ ବୁଧବାର BALASORE 29 JULY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


# ପ୍ରକୃତି ସଂରକ୍ଷଣ ମାନବତାର କଲ୍ୟାଣ ପାଇଁ ଉଦ୍ଦିଷ୍ଟ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନ ଏକ୍ସ ଉପରେ ଏକ ବାର୍ତ୍ତା ସେୟାର କରିଛନ୍ତି ଯେଉଁଥିରେ ମାନବତାର କଲ୍ୟାଣ ପାଇଁ ପ୍ରକୃତି ସଂରକ୍ଷଣ ଏବଂ ସମ୍ମାନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି । ସେ କହିଛନ୍ତି ଯେ ଭାରତର ପ୍ରାଚୀନ ପରମ୍ପରା ମଣିଷକୁ ପ୍ରକୃତି ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାନ କରିବା ପାଇଁ ପ୍ରେରଣା ଦେଇଥାଏ । ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ପ୍ରକୃତିର ସଂରକ୍ଷଣ ଏବଂ ସମ୍ମାନରେ ମାନବତାର କଲ୍ୟାଣ ନିହିତ । ଆମର ପରମ୍ପରା ମଧ୍ୟ ଆମକୁ ଏହି ଧାର୍ମିକ ଆଚରଣ ପାଇଁ ପ୍ରେରଣା ଦେଇଥାଏ । ଏହା ସର୍ବଜନବିଦିତ, ଲୋକପାଳଶ୍ଚ ତେ ସର୍ବେ ବାସବ ପ୍ରମୁଖସ୍ତଥ । ଋତୁଃ ଶତଃ ତା ତେ



ସର୍ବେ ମାସଃ ସମ୍ବତ୍ସରାଃ କୃପା । ଦିନର ସବୁ ସମୟରେ ଆରାମ କରନ୍ତୁ । ଶ୍ରୁତିଃ ସ୍ମୃତି ଏବଂ ଧର୍ମଶାସ୍ତ୍ର ହେଉଛନ୍ତି ପରମ ପୁରୁଷଙ୍କର ପୁତ୍ର । 'ଏହାର ଅର୍ଥ ହେଉଛି ପ୍ରକୃତି, ସମୟ ଏବଂ ଧର୍ମ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାନ ହିଁ ସୁଖ, ଶାନ୍ତି ଏବଂ ସମୃଦ୍ଧିର ମାର୍ଗ । ଏହା କାମନା କରେ ଯେ ଇନ୍ଦ୍ରଙ୍କ ସମେତ ସମସ୍ତ ଦେବ ନିର୍ଦ୍ଦେଶର ରକ୍ଷକ ଦେବତା, ବର୍ଷର ସମସ୍ତ ଛଅଟି ଋତୁ, ସମସ୍ତ ମାସ, ଦିନ, ରାତି ଏବଂ ପ୍ରତ୍ୟେକ ଶୁଭ ମୁହୂର୍ତ୍ତ ଜଣଙ୍କ ଜୀବନରେ ସୌଭାଗ୍ୟ ଏବଂ ସୁସ୍ଥତା ଆଣନ୍ତୁ । ଏଥି ସହିତ ବେଦ, ସ୍ମୃତି ଏବଂ ଧର୍ମ ସବୁ ପରିସ୍ଥିତିରେ ଏହାର ସୁରକ୍ଷା କରିବା ଉଚିତ ।

# ଇଣ୍ଡିଆନ୍ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍-ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ମଙ୍ଗଳବାର ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି । ଏଥି ସହିତ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ।

ଜ୍ୟୋତିର୍ମୟୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିବା ସହିତ ଇଣ୍ଡିଆନ୍ ଆଇଡଲ୍'ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ବର୍ଣ୍ଣନା କରିଥିଲେ ।

ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ



ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ । ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି । ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି । ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍' । ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

» ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ୨୪ ଫେବୃଆରୀ, ୨୦୨୨ ରୁ ଜାରି ରହିଛି । ରୁଷିଆ ୟୁକ୍ରେନରେ ସର୍ବନାଶ କରିଛି । ନିକଟ ଅତୀତରେ ୟୁକ୍ରେନ୍ ମଧ୍ୟ ରୁଷ ଉପରେ ଆକ୍ରମଣକୁ ଜୋରଦାର କରିଛି । ଏହାଦ୍ୱାରା ରୁଷର ଜୀବନ ଓ ସମ୍ପତ୍ତି ନଷ୍ଟ ହେଉଛି । ରୁଷର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ସୋମବାର କହିଛନ୍ତି ଯେ ଜୁଲାଇ ୧୫ ରୁ ୨୪ ମଧ୍ୟରେ ରୁଷୀୟ ନାଗରିକଙ୍କୁ ଟାର୍ଗେଟ କରି ୟୁକ୍ରେନ ଆକ୍ରମଣରେ ୮୬ ଜଣଙ୍କର ମୃତ୍ୟୁ ଘଟିଛି ।

» ମଙ୍ଗଳବାର ସକାଳେ ପଠାନକୋଟ-ଚମ୍ବା ଜାତୀୟ ରାଜପଥରେ ଲାହଦ, ବନିଖେତ୍ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଭାରମୋରର ଏକ ପରିବାରର ପାଂଚ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

» ଉପରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ଦିନ ଏସ୍. କେ. ଆଇ. ଏମ୍. ଏସ୍. ସୌରା ପରିଦର୍ଶନ କରିଛନ୍ତି ଏବଂ ଗାନ୍ଦେରବଲ ଜିଲ୍ଲାରେ ଏକ ବସ୍ ଦୁର୍ଘଟଣାରେ ଆହତ ହୋଇଥିବା ଅମରନାଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ ।

# ଭାରତୀୟ ତଟରକ୍ଷୀ ବାହିନୀର ଦୁଇଟି ଗୁରୁତ୍ୱପୂର୍ଣ୍ଣ ନୀତିଗତ ସଂସ୍କାରର ଶୁଭାରମ୍ଭ କଲେ ରାଜନାଥ ସିଂହ

ନୂଆଦିଲ୍ଲୀ,: ଭାରତୀୟ ତଟରକ୍ଷୀ ବାହିନୀ (ଆଇ. ସି. ଜି.) ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନୀତିଗତ ସଂସ୍କାର ହାତକୁ ନିଆଯାଇଛି, ଯାହାର ଶୁଭାରମ୍ଭ ପ୍ରତିରକ୍ଷା ମନ୍ତ୍ରୀ, ଶ୍ରୀ ସିଂହ, ମଙ୍ଗଳବାର ନୂଆଦିଲ୍ଲୀର କର୍ତବ୍ୟ ଭବନ-୨ରେ କରିଛନ୍ତି । ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେବା ସର୍ତରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ କର୍ତବ୍ୟ ପାଳନ ସମୟରେ ସମୁଦ୍ରରେ ନିଖୋଜ ହୋଇଥିବା କର୍ମଚାରୀଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ପ୍ରଶାସନିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଏହାର ଉଦ୍ଦେଶ୍ୟ । ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ନାରୀ ଶକ୍ତି ପ୍ରତି ଆମର ପ୍ରତିବଦ୍ଧତାର ଅନୁରୂପ, ଆଇସିଜିରେ ମହିଳା ଅଧିକାରୀମାନଙ୍କୁ ନିଯୁକ୍ତି, ତାଲିମ



ଏବଂ ସ୍ଥାୟୀ ନିଯୁକ୍ତି ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଆମେ ଏକ 'ଲିଙ୍ଗ ନିରପେକ୍ଷ ଢାଂଚା' ଆରମ୍ଭ କରିଛୁ । ଲିଙ୍ଗ-ନିରପେକ୍ଷ ପ୍ରବେଶ ଏବଂ କ୍ୟାରିୟର ପ୍ରଗତି ପ୍ରଥମ ନୀତି ନିର୍ଦ୍ଦେଶ ଆଇସିଜିରେ ଅଧିକାରୀ ନିଯୁକ୍ତି ପାଇଁ ଏକ ଲିଙ୍ଗ-ନିରପେକ୍ଷ ଢାଂଚା କାର୍ଯ୍ୟକାରୀ କରି ଏକ ବ୍ୟାପକ, ମହିଳା କୈନ୍ଦ୍ରିକ ଆଭିମୁଖ୍ୟ ପ୍ରତିଷ୍ଠା କରେ । ଏହି ନୀତିର ପ୍ରମୁଖ ବିଶେଷତ୍ୱଗୁଡ଼ିକ ମଧ୍ୟରେ ସ୍ୱଳ୍ପକାଳୀନ ସେବା ନିଯୁକ୍ତି (ଏସ୍. ଏସ୍. ଏ.) ଏବଂ ସ୍ଥାୟୀ ନିଯୁକ୍ତି (ପି. ଏ.) ରେ ମହିଳା ପ୍ରାର୍ଥୀଙ୍କୁ ସେମାନଙ୍କ ପୁରୁଷ ପ୍ରତିପକ୍ଷଙ୍କ ସହ ସମାନ ଭାବେ ସାମିଲ କରିବା ସାମିଲ ରହିଛି । ପୁରୁଷ ପ୍ରାର୍ଥୀଙ୍କ ପାଇଁ ମଧ୍ୟ ଏସ୍. ଏସ୍. ଏ. ର ବିକଳ୍ପ ଖୋଲାଯାଇଛି ।

### କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଆୟୋଜିତ

# ଯୁବପିଢ଼ି ନିଶାମୁକ୍ତ ଭାରତ ଅଭିଯାନର ସକ୍ରିୟ ସହଯୋଗୀ ହୁଅନ୍ତୁ : ଏଡିଜି ଅଖିଳ କୁମାର ମିଶ୍ର

ସାଲେପୁର : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି), ଆଂଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର କଟକ ଜିଲ୍ଲାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ନିଶାମୁକ୍ତ ଭାରତ ଅଭିଯାନ' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଦାୟିତ୍ୱବୋଧ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସିବିସି ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ



ଅଖିଳ କୁମାର ମିଶ୍ର କହିଥିଲେ, ନିଶାଦ୍ରବ୍ୟ ସେବନ କେବଳ ବ୍ୟକ୍ତିଗତ ସମସ୍ୟା ନୁହେଁ, ବରଂ ପରିବାର, ସମାଜ ଓ ଦେଶର ଭବିଷ୍ୟତକୁ ପ୍ରଭାବିତ କରୁଥିବା ଏକ ଗୁରୁତର ସାମାଜିକ ସମସ୍ୟା । ସେ ଯୁବପିଢ଼ିଙ୍କୁ 'ନିଶାମୁକ୍ତ ଭାରତ ଅଭିଯାନ'ର ସକ୍ରିୟ ସହଯୋଗୀ ହୋଇ ନିଶାମୁକ୍ତ ଭାରତ ଗଠନରେ ନିଜର ଅବଦାନ ରଖିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରୀ ନିଶାଦ୍ରବ୍ୟ ସେବନର ସାମାଜିକ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ନିଶାଦ୍ରବ୍ୟ ଏବଂ ମନକୁ ପ୍ରଭାବିତ କରୁଥିବା ପଦାର୍ଥର ବେଆଇନ କାରବାର ଓ ସେବନକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ ଏବଂ ଯୁବପିଢ଼ିଙ୍କୁ ନିଶାମୁକ୍ତ ଭାରତ ଗଠନରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ । ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ. ମନୋଜା ମଞ୍ଜରୀ ସ୍ୱାଇଁ ସିବିସି ଭୁବନେଶ୍ୱର ପକ୍ଷରୁ ଏପରି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିବା ସହ ସଚେତନତା ସୃଷ୍ଟି ଏବଂ ଦାୟିତ୍ୱବାନ ନାଗରିକ ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀ ସଦାଶିବ ଦାସ ନିଶାଦ୍ରବ୍ୟ ସମ୍ପର୍କିତ ଅପରାଧର ଆଇନଗତ ପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଆତ୍ମଶୃଙ୍ଖଳା ଓ ସଠିକ୍ ନିଷ୍ପତି ଗ୍ରହଣର ଆବଶ୍ୟକତା ଉପରେ ଜୋର ଦେଇଥିଲେ ।

# ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର : ବ୍ରହ୍ମପୁରର NIST ବିଶ୍ୱବିଦ୍ୟାଳୟରେ ଆଂଚଳିକ ସୁଭଦ୍ରା ଶକ୍ତି ଦୃଷ୍ଟି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ ଏବଂ ବୌଦ୍ଧ ଜିଲ୍ଲାର ୫୭ଟି ବ୍ଲକର ବ୍ଲକ ସ୍ତରୀୟ ଫେଡେରେସନ ସଦସ୍ୟ, ସମ୍ପ୍ରଦାୟ ସହାୟକ କର୍ମଚାରୀ ଏବଂ ମହିଳା ପ୍ରତିନିଧିମାନେ ଏକତ୍ରିତ ହୋଇଥିଲେ । ଏହି ସମ୍ମିଳନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତିକରଣ, ଉଦ୍ୟୋଗୀତା ଏବଂ ସ୍ଥାୟୀ ଜୀବିକାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରବତୀ ପରିଡା କହିଛନ୍ତି ଯେ ରାଜ୍ୟ ସରକାର ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବ୍ୟାପକ ବଜାର ସହିତ ସଂଯୋଗ କରି ଽଏଚଜିଗୁଡ଼ିକୁ ସଫଳ ଉଦ୍ୟୋଗରେ ପରିଣତ କରିବାକୁ ପ୍ରତିବଦ୍ଧ । ସେ ଈଖର ସଦସ୍ୟମାନଙ୍କ ସହିତ ଆଲୋଚନା




କରିଥିଲେ, ସେମାନଙ୍କର ଅଭିଜ୍ଞତା ଏବଂ ପରାମର୍ଶ ଶୁଣିଥିଲେ ଏବଂ ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ କରିବା ପାଇଁ ମହିଳାମାନଙ୍କୁ ସଶକ୍ତିକରଣ କରିବା ଅତ୍ୟନ୍ତ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଅଧିକ ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଅନେକ ସରକାରୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ଲାଖପତି ଦିଦିଙ୍କ ପାଇଁ ସହାୟତା, ଓଓଞ୍ଚ ଭୁବନେଶ୍ୱର ସହଯୋଗରେ ଇନକ୍ୟୁବେସନ୍ କେନ୍ଦ୍ର, ସହଜ ଉଦ୍ୟୋଗ ପଞ୍ଜିକରଣ, ଉତ୍ପାଦ ପ୍ରମାଣନ, ସମନ୍ୱିତ କୃଷି କ୍ଲଷ୍ଟର ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ସେ ଗଞ୍ଜାମ ଜିଲ୍ଲାର ସମ୍ପୂର୍ଣ୍ଣ ଶ୍ରୀ ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ବଂଟନ କରିଥିଲେ, ଯେଉଁଥିରେ ପଶୁପାଳନ ବିକାଶ ଏବଂ ମାଛ ଚାଷ ପାଇଁ ଋଣ ଅନ୍ତର୍ଭୁକ୍ତ । ଆଲୋଚନା ଅଧିବେଶନ ସମୟରେ, ଈଖର ସଦସ୍ୟମାନେ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ପୃଥକ ୟୁନିଫର୍ମ ଏବଂ ପରିଚୟପତ୍ର, ଉନ୍ନତ ପରିବହନ ସୁବିଧା, ଅଧିକ ସୁଭଦ୍ରା ଶକ୍ତି ବଜାର, ଶୀତଳ ସଂରକ୍ଷଣ ଭିତିଭୂମି ଏବଂ କୃଷି ଭିତିକ ଉଦ୍ୟୋଗରେ ଉନ୍ନତ ତାଲିମ ଦାବି କରିଥିଲେ ।

# ଲଗାଣ ବର୍ଷାରେ ବାଲେଶ୍ୱର ବେହାଲ

### ୨୪ ଘଂଟାରେ ୨୪୬.୬ ମିମି ବର୍ଷା ରେକର୍ଡ୍, ସହରର ଅଧିକାଂଶ ଅଂଚଳ ଜଳବନ୍ଦୀ

ବାଲେଶ୍ୱର (ନି.ପ୍ର.): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ସହରର ଜନଜୀବନ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଗତ ୨୪ ଘଂଟା ମଧ୍ୟରେ ବାଲେଶ୍ୱରରେ ୨୪୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅବିରତ ବର୍ଷା ଫଳରେ ସହରର ଅଧିକାଂଶ ଅଂଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ଅନେକ ଘରେ ପାଣି ପଶିଯାଇ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ସହରର ଗୋପାଳ ଗାଁ, ସିନେମା ଛକ, ନୂଆସାହି, ବାଲିଆ ରାସ୍ତା, ଦରଜୀ ପୋଖରୀ, ଆଜିମାବାଦ, ପଦ୍ମୁଆପଦା, ଭାସ୍କରଗଞ୍ଜ, ଚୁନଭାଟି, ମଠସାହି, ଗୁଡ଼ିପଦା, କଂଗ୍ରେସ ଗଳି, ଚିଡ଼ିଆପୋଲ, କାଦରାବାଦ ଏବଂ ରେମୁଣା ଗୋଲେଇ ପ୍ରମୁଖ ଅଂଚଳରେ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି ।



ବହୁ ସ୍ଥାନରେ ଡ୍ରେନ ଉପଚି ପାଣି ରାସ୍ତାରେ ପ୍ରବାହିତ ହେଉଥିବା ବେଳେ ନିମ୍ନାଂଚଳର ଘରଗୁଡ଼ିକ ଭିତରକୁ ବର୍ଷାଜଳ ପଶିଯାଇଛି । ଫଳରେ ଲୋକମାନଙ୍କ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷପତ୍ର କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି । ଅନେକ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ଚାଲୁଥିବାରୁ ଯାନବାହନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଦୁଇଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ହଇରାଣ ହେଉଥିବା ବେଳେ ଅନେକ ଗାଡ଼ି ମଝି ରାସ୍ତାରେ ଅଚଳ ହୋଇପଡ଼ିଥିବା ଦେଖାଯାଇଛି । ବର୍ଷା ସହ ଜଳବନ୍ଦୀ ପରିସ୍ଥିତି ଯୋଗୁଁ ବ୍ୟବସାୟ, ଶିକ୍ଷା ଓ ସାଧାରଣ କାର୍ଯ୍ୟକଳାପ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଜଳବନ୍ଦୀ ଅ*ଳରେ ବହୁ ପରିବାର ଘର ଭିତରେ ଅଟକି ରହିଥିବା ବେଳେ ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଇଛି । ବୃଦ୍ଧ, ଶିଶୁ ଓ ରୋଗୀମାନଙ୍କ ଅବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଉଛି । ଏପଟେ ଲଗାଣ ବର୍ଷା ଓ ଜଳବନ୍ଦୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି । ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ, ବାଲେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ମଙ୍ଗଳବାର ପାଇଁ ବନ୍ଦ ରଖାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ସ୍ଥାନୀୟ ବର୍ଷାଜନିତ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନଙ୍କୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହି ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମଧ୍ୟ କୁହାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି ।





# ଲଘୁଚାପ ବର୍ଷାରେ ବାଲେଶ୍ୱର ସହର ଜଳମଗ୍ନ
## ୩ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଘରେ ବର୍ଷାଜଳ





ବାଲେଶ୍ୱର(ନି.ପ୍ର.) ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉତର ଓଡ଼ିଶାରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି । ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ସତର୍କତା ଜାରି ହୋଇଥିବା ବେଳେ ବାଲେଶ୍ୱର ସହରରେ ମାତ୍ର କିଛି ଘଂଟାର ବର୍ଷାରେ ବିଭିନ୍ନ ଅଂଚଳ ଜଳମଗ୍ନ ହୋଇପଡ଼ିଛି । ବର୍ଷ ବର୍ଷ ଧରି ଚାଲିଆସୁଥିବା ଡ୍ରେନେଜ୍ ସମସ୍ୟା ପୁଣିଥରେ ସାମ୍ନାକୁ ଆସିଛି । ଗତକାଲି ରାତିରୁ ଆରମ୍ଭ ହୋଇଥିବା ବର୍ଷା ପରେ ସକାଳୁ ସକାଳୁ ବାଲେଶ୍ୱର ସହରର ବିଭିନ୍ନ ନିମ୍ନାଂଚଳ ଜଳମଗ୍ନ ହୋଇପଡ଼ିଛି । ବାଲିଆ ସିଟି କ୍ଲିନିକ୍ ଛକ, ଚିଡ଼ିଆପୋଲ, ଅଜିମାବାଦ, କଂଗ୍ରେସ ଗଳି ସମେତ ଅନେକ ଅଂଚଳରେ ରାସ୍ତା ଉପରେ ପାଣି ଜମି ଯାତାୟାତ ବ୍ୟାହତ ହୋଇଛି । ବାଲେଶ୍ୱର ବସ୍ ?ଷ୍ଟାଣ୍ଡରୁ ରେମୁଣା ଗୋଲାଇ ମୁଖ୍ୟ ରାସ୍ତାର ବାଲିଆ ସିଟି କ୍ଲିନିକ୍ ଛକରେ ମଧ ପାଣି ଜମିବା ଆରମ୍ଭ ହୋଇଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ, ପ୍ରତିବର୍ଷ ଦୁଇରୁ ତିନିଥର ଏଭଳି ପରିସ୍ଥିତି ଦେଖାଦେଉଛି । ମାତ୍ର ଦୁଇରୁ ତିନି ଘଂଟା ବର୍ଷା ହେଲେ ନାଳ ଉପଚି ପାଣି ଘର ଭିତରକୁ ପଶିବା ଆରମ୍ଭ କରୁଛି । ଫଳରେ ଲୋକେ ବର୍ଷା ହେଲେ ଆତଙ୍କିତ ହୋଇପଡୁଛନ୍ତି ।ସ୍ଥାନୀୟମାନଙ୍କ କହିବା ଅନୁଯାୟୀ, ପ୍ରାୟ ୩୦ ବର୍ଷ ଧରି ଏହି ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଗତବର୍ଷ ମଧ ସମାନ ଭାବେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତିଥର କେବଳ ଡ୍ରେନ୍ ଭଙ୍ଗା, ମାପଚୁପ ଓ ମରାମତିର କଥା ହେଉଛି, କିନ୍ତୁ ସ୍ଥାୟୀ ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ମୁଖ୍ୟ ରାସ୍ତାରେ ପାଣି ଜମିଲେ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେଉଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ଆଗାମୀ କିଛି ଦିନ ଲଘୁଚାପ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ଥିବାରୁ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି । ସ୍ଥାନୀୟ ବାସିନ୍ଦା ଶୀଘ୍ର ଏକ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲାରେ ଗତ ୨୨ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ମୋଟ ୧୨ଟି ବ୍ଲକରେ ୧୯୪୦ ମି.ମି. ବୃଷ୍ଟିପାତ ଆକଳନ କରାଯାଇଛି । ଖବରରୁ ପ୍ରକାଶଯେ, ୨୨ ତାରିଖରେ ୪୦୦ମି.ମି., ୨୩ ତାରିଖରେ ୨୦୪ ମି.ମି., ୨୪ ତାରିଖରେ ୫୧୭ମି.ମି., ୨୫ ତାରିଖରେ ୬୦ମି.ମି., ୨୬ ତାରିଖରେ ୪୦୫ ମି.ମି, ୨୭ ତାରିଖରେ ୩୫୪ ମି.ମି. ବୃଷ୍ଟିପାତ ଆକଳନ କରାଯାଇଥିବା ବେଳେ ଏବେ ଜିଲ୍ଲାର ୩ ଟି ନଦୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକ ଜଳସ୍ରୋତ ଫୁଲିବାରେ ଆକଳନ କରାଯାଇଛି । ସେହିପରି ୨୭ ତାରିଖ ଅପରାହ୍ନ ୪ଟାରୁ ୨୮ ତାରିଖ ଦିନ ୧୧ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ସମେତ ୧୨ଟି ବ୍ଲକରେ ମୋଟ ୧୭୩୧ମି.ମି. ବର୍ଷା ସୃଷ୍ଟି ହୋଇଛି । ଫଳରେ ସୁଏଲପୁର, ମିର୍ଜାପୋଖରୀ, ଦର୍ଜିପୋଖରୀ, କଂଗ୍ରେସ ଅଫିସ ଗଳି, ଚିଡ଼ିଆପୋଲ, ଏଫଏମ ସର୍କଲ, ବାଲିଆ, ଅନ୍ନପୂର୍ଣ୍ଣା ଟକିଜ, ଭୀମପୁରା ଛକ, ସେରଗଡ଼, ଆଜିମାବାଦ ମେସ୍ ସମେତ ବାଲେଶ୍ୱର ସହରରେ ଏମିତି ବର୍ଷାଜଳ କୃତ୍ରିମ ବନ୍ୟାର ରୂପନେଲା ଯାହାଫଳରେକି ମୋତିଗଂଜ ଅଂଚଳର ଲୋକମାନେ ନୂଆବଜାର ଅଂଚଳର ଲୋକମାନେ ମୋତିଗଂଜକୁ ଦୀର୍ଘ ୧୧ଟା ପର୍ଯ୍ୟନ୍ତ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା ।

# ତାମୁଲିଆ ଉଡ଼ନ୍ତା ପୋଲ ମରାମତି ଦାବି ହେଲା ଜୋରଦାର
## କାମ ନହେଲେ ଧାରଣା ଦେବାର ଚେତାବନୀ ଦେଲା ଆଂଚଳିକ ସୁରକ୍ଷା ମଂଚ



ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସଦର ମହକୁମାକୁ ସଂଯୋଗ କରୁଥିବା ଜିଲ୍ଲା ମୁଖ୍ୟ ସଡ଼କ ଉପରେ ତାମୁଲିଆ ଠାରେ ଥିବା ଉଡ଼ନ୍ତା ପୋଲର ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଉଦ୍ବେଗ ପ୍ରକାଶ ପାଇଛି । ପୋଲର ତୁରନ୍ତ ମରାମତି ଦାବି କରି ଆଂଚଳିକ ସୁରକ୍ଷା ମଂଚ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ଆଶୁ ପଦକ୍ଷେପ ନନିଆଗଲେ ଧାରଣା ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛି ।ସଂଗଠନର ସୂଚନାନୁସାରେ, ଉଡ଼ନ୍ତା ପୋଲର ବିଭିନ୍ନ ସ୍ଥାନରୁ କଂକ୍ରିଟ ଖସିଯାଇ ଲୁହା ରଡ଼ ବାହାରକୁ ଦେଖାଯାଉଛି । ଏହି ପୋଲଟି ରେଳଧାରଣା ଉପରେ ନିର୍ମିତ ହୋଇଥିବା ସହ ବାଲେଶ୍ୱର ସହରକୁ ପ୍ରବେଶ କରିବାର ପ୍ରମୁଖ ସଂଯୋଗ ପଥ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଭାରୀ ଯାନ, ଯାତ୍ରୀବାହୀ ବସ୍, ସ୍କୁଲ ଓ କଲେଜ ବସ୍ ସମେତ ଦୁଇ, ତିନି ଓ ଚାରି ଚକିଆ ଯାନ ଚଳାଚଳ କରୁଛି । ଏପରି ପରିସ୍ଥିତିରେ ପୋଲର ବିପଦସଙ୍କୁଳ ଅବସ୍ଥା ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣାର କାରଣ ହୋଇପାରେ ବୋଲି ସଂଗଠନ ଆଶଙ୍କା ପ୍ରକାଶ କରିଛି ।ଏହି ପ୍ରସଙ୍ଗରେ ଆଂଚଳିକ ସୁରକ୍ଷା ମଂଚର ସଭାପତି ତଥା ସୂଚନା ଅଧିକାର କର୍ମୀ କମଳ ଲୋଚନ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପୋଲର ତୁରନ୍ତ ମରାମତି ସହ ସାଧାରଣ ଲୋକଙ୍କ ସୁରକ୍ଷା ଦିଗରେ ଜରୁରୀ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନନିଏ, ତେବେ ଜନସାଧାରଣଙ୍କ ସ୍ୱାର୍ଥରେ ଆଂଚଳିକ ସୁରକ୍ଷା ମଂଚ ଧାରଣା ଆନ୍ଦୋଳନ ଆରମ୍ଭ କରିବ ।ଏହି ଅବସରରେ ସଂଗଠନର ଅଶ୍ୱିନୀ କୁମାର ଦାଶ, କମଳ ଲୋଚନ ମହାପାତ୍ର, ତପନ ସେଠୀ, ସତ୍ୟବ୍ରତ ସାହୁ, ବାଦଲ ମହାନ୍ତି, ସୁଶାନ୍ତ ପାଣିଗ୍ରାହୀ, ପ୍ରତାପ ଦ୍ୱିବେଦୀ, ଭାସ୍କର ମଲ୍ଲିକ, ଶଙ୍କର୍ଷଣ ଶତପଥୀ, କାଶୀନାଥ ମାଝୀ, ଡମ୍ବରୁଧର ମହାରଣା, ସଞ୍ଜୀବ ଜେନା, ସଞ୍ଜୀବ ନାୟକ, ନିରଞ୍ଜନ ସେଠୀ, ରଞ୍ଜନ ଦାସ, ମହେଶ ଚାନ୍ଦ, ସନ୍ଦୀପ ପ୍ରଧାନ, ମୃଣ୍ମୟ ମହାପାତ୍ର, ସୁଧାକର ରାଉତ, ମହେଶ ପାଣି, ରାକେଶ ଭୂଇଁୟା, ବିଶ୍ୱନାଥ ଦାସ, ବିନୋଦ ବାବୁ, ସେକ୍ ମନାନ, ପରମାନନ୍ଦ ବିଶ୍ୱାଳ ଓ ଦୀପକ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପୋଲର ଆଶୁ ମରାମତି ଦାବିକୁ ସମର୍ଥନ କରିଥିଲେ ।

# ପ୍ରଭାବିତ ଅଂଚଳ ପରିଦର୍ଶନ କରି ସମୀକ୍ଷା କଲେ ବିଧାୟିକା ସୁବାସିନୀ ଜେନା

ବାଲେଶ୍ୱର(ନି.ପ୍ର.) - ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ବସ୍ତା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳରେ ଚାଷଜମିରୁ ଉଦ୍ ?ବୃତ ବର୍ଷାଜଳ ନିଷ୍କାସିତ ହୋଇନପାରି ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଛି । ପଳପଳା ନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ବସ୍ତା ବ୍ଲକ୍ ଅନ୍ତର୍ଗତ ମୁକୁଳିସି ପଂଚାୟତର ଦୁନ୍ଦ ନିକଟରେ ଏକ ଘାଇ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଦୁନ୍ଦ, କୁସିଦା,ମୁକୁଳିସି ଓ ଛଚିନା ଗ୍ରାମର ବହୁ ଚାଷଜମିରେ ବନ୍ୟାଜଳ ପ୍ରବେଶ କରି କ୍ଷୟକ୍ଷତି ଘଟାଇଛି । ଖବର ପାଇ ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ତୁରନ୍ତ ବନ୍ୟା ପ୍ରଭାବିତ ଦୁନ୍ଦ ଓ ଛଚିନା ଅଂଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ । ଘାଇର ଶୀଘ୍ର ମରାମତି ସହ ପ୍ରଭାବିତ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ, ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ?ଜନିତ ଦୁର୍ଘଟଣା ଏଡ଼ାଇବା ପାଇଁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଏବଂ ଯେଉଁଠାରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି, ସେଠାରେ ତୁରନ୍ତ ସେବା ସ୍ୱାଭାବିକ କରିବାକୁ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।ଏହାପରେ ବିଧାୟିକା ଜେନା ବାଲିଆପାଳ ବ୍ଲକ୍ ?ର କୋଷ୍ଟ କେନାଲ ନିକଟରେ ପହଂଚି ଷୋଳଶାପାଣ୍ଡ ଅଂଚଳରେ ଜମି ରହିଥିବା ଉଦ୍ବୃତ ଜଳର ନିଷ୍କାସନ ବ୍ୟବସ୍ଥା ନେଇ ଡ୍ରେନେଜ୍? ବିଭାଗ, ପି.ଡବ୍ଲ୍ୟୁ.ଡି. ବିଭାଗର ବରିଷ୍ଠ ଅଧିକାରୀ ଓ ବାଲିଆପାଳ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଷୋଳଶାପାଣ୍ଡ ଅଂଚଳର ଜଳନିଷ୍କାସନ ସମସ୍ୟା ସମ୍ପର୍କରେ ବିଧାୟିକା ପୂର୍ବରୁ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ । ତାଙ୍କ ଉଦ୍ୟମରେ କଟୁଆ, ଗଡ଼ଖାଲ ଓ ଆମ୍ବଟୁଆ ନାଳର ଖନନ କାର୍ଯ୍ୟ ମାଧ୍ୟମରେ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଛି । ତଥାପି ଏହି ଅଂଚଳରେ ଅଧିକ ଉଦ୍ ?ବୃତ ଜଳ ରହୁଥିବାରୁ କୋଷ୍ଟ କେନାଲରେ ଅଧିକ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ସେ ସମ୍ପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଛନ୍ତି । ଆଜିର ଏହି ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ନିଶାକର ସେଠୀ, ବରିଷ୍ଠ ନେତା ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ଗୋବିନ୍ଦ ପ୍ରସାଦ ଦାସ, ଅଜୟ ପାତ୍ର, ରଞ୍ଜନ ଧଳ,ସୁଧାଂଶୁ ବାରିକ, ଚିନ୍ମୟ ପାଳ, କମଳ ଲୋଚନ ଦତ, ସାର୍ଥକ ରଞ୍ଜିତ୍, ପ୍ରଦୀପ ନାୟକ ଏବଂ ଶ୍ରୀଧର ଡାକୁଆଙ୍କ ସମେତ ବହୁ ସ୍ଥାନୀୟ ନେତୃବୃନ୍ଦ ଓ ଚାଷୀଭାଇମାନେ ଉପସ୍ଥିତ ଥିଲେ ।



# ବାଲେଶ୍ୱର ମହିଳା ମହାବିଦ୍ୟାଳୟର ଏନଏସ୍ଏସ୍ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା




ବାଲେଶ୍ୱର(ନି.ପ୍ର.)ଗୋପାଳଗାଁ ସ୍ଥିତ ବାଲେଶ୍ୱର ମହିଳା ମହାବିଦ୍ୟାଳୟର ଏନଏସଏସ ସହ-ୟୁନିଟ୍ ଏହି ଆହ୍ୱାନପୂର୍ଣ୍ଣ ସମୟରେ ଆମର ପୋଷ୍ୟ ଗ୍ରାମକୁ ସାହାଯ୍ୟ କରିବା ପାଇଁ ଆଗକୁ ଆସିଛି । ବାଲେଶ୍ୱରରେ ପ୍ରବଳ ଓ କ୍ରମାଗତ ବର୍ଷା ଯୋଗୁଁ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ, ଆମର ଉତ୍ସର୍ଗୀକୃତ ସ୍ୱେଚ୍ଛାସେବୀମାନେ ୩୦ ରୁ ଅଧିକ ପ୍ରଭାବିତ ପରିବାରକୁ ଜରୁରୀକାଳୀନ ସହାୟତା ଏବଂ ଆବଶ୍ୟକୀୟ ସାମଗ୍ରୀ ସଫଳତାର ସହ ଯୋଗାଇ ଦେଇଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଉମାକାନ୍ତ ନାୟକଙ୍କ ସହାୟତା ଏବଂ ଏନଏସଏସ ପ୍ରୋଗ୍ରାମ ଅଫିସର ତଥା ରାଜନୀତି ବିଜ୍ଞାନ ଅଧାପିକା ମାୟାବତୀ ମଲ୍ଲିକ ଏବଂ ୱାଇଆରସି **(YRC)** କାଉନସେଲର ତଥା ଇତିହାସ ଅଧାପିକା ଡକ୍ଟର ପୂଜାରାଣୀ ପରିଦାଙ୍କ ମିଳିତ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମଟି ସଫଳ ହୋଇଛି । 'ମୁଁ ନୁହେଁ, ବରଂ ଆପଣ' — ଆମର ଏହି ଆଦର୍ଶ ବାଣୀକୁ ସାର୍ଥକ କରି, ଆମେ ଆମ ସମାଜ ସହିତ ଦୃଢ଼ ଭାବରେ ଠିଆ ହୋଇଛୁ !

# ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ର ବିଜୟ ମୁକୁଟ ପିନ୍ଧିଲେ ବାଲେଶ୍ୱରର ଝିଅ ଜ୍ୟୋତିର୍ମୟୀ ନାୟକ

ବାଲେଶ୍ୱର, (ନି.ପ୍ର.) ସଙ୍ଗୀତ ଜଗତରେ ଓଡ଼ିଶା ପାଇଁ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛନ୍ତି ବାଲେଶ୍ୱର(ନୀଳଗିରି)ର ଝିଅ ଜ୍ୟୋତିର୍ମୟୀ ନାୟକ । ଲୋକପ୍ରିୟ ରିଆଲିଟି ଶୋ' ଇଣ୍ଡିଆନ୍ ଆଇଡଲ୍ ? ସିଜନ୍-୧୬ର ବିଜୟୀ ମୁକୁଟ ପିନ୍ଧି ଜ୍ୟୋତିର୍ମୟୀ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ସେ ଏହି ପ୍ରତିଯୋଗିତାର ପ୍ରଥମ ଓଡ଼ିଆ ବିଜେତା ଭାବେ ଇତିହାସ ସୃଷ୍ଟି କରିଛନ୍ତି ।ଫାଇନାଲ୍ ?ରେ ଜ୍ୟୋତିର୍ମୟୀ ଜବଲପୁରର ତନିଷ୍କ ଶୁକ୍ଳା ଏବଂ ମନରାଜ ବୀର ସିଂହଙ୍କୁ ପଛରେ ପକାଇ ଚାମ୍ପିୟନ ହୋଇଥିଲେ । ବିଜୟୀ ପୁରସ୍କାର ସ୍ୱରୂପ ସୋନି ଟେଲିଭିଜନ ପକ୍ଷରୁ ତାଙ୍କୁ ୨୦ ଲକ୍ଷ ଟଙ୍କାର ଅର୍ଥରାଶି ଏବଂ ଟ୍ରଫି ପ୍ରଦାନ କରାଯାଇଛି ।ଜ୍ୟୋତିର୍ମୟୀଙ୍କ ଇଣ୍ଡିଆନ୍ ଆଇଡଲ୍ ଯାତ୍ରା ଥିଲା ସଂଘର୍ଷ, ସାଧନା ଓ ସଫଳତାର ଏକ ଅନନ୍ୟ କାହାଣୀ । ଥିଏଟର ରାଉଣ୍ଡରେ 'ସେୟାଁ ପକଡ଼ ବୈୟାଁ' ଗୀତ ପରିବେଷଣ କରି ସେ ଟପ୍-୧୬ରେ ସ୍ଥାନ ପାଇଥିଲେ । ପରବର୍ତୀ ସମସ୍ତ ଗାଲା ରାଉଣ୍ଡରେ ତାଙ୍କର ସୁରିଲା କଣ୍ଠ, ଗାୟନର ବିବିଧତା ଏବଂ ମଂଚ ଉପସ୍ଥାପନା ବିଚାରକ ଓ ଦର୍ଶକଙ୍କ ମନ ଜିଣିଥିଲା ।ପ୍ରାୟ ୧୦ ମାସର କଠିନ ଯାତ୍ରା ପରେ ଜ୍ୟୋତିର୍ମୟୀ ଏହି ବିଜୟ ହାସଲ କରିଛନ୍ତି । ଚଳିତ ସିଜନ୍ରେ ବିଚାରକ ଭାବେ ଶ୍ରେୟା ଘୋଷାଲ, ବିଶାଲ ଡାଡଲାନି ଏବଂ ବାଦଶାହା ଥିବାବେଳେ ଆଦିତ୍ୟ ନାରାୟଣ ଶୋ'ର ହୋଷ୍ଟ ଥିଲେ । ଏହି ସିଜନ୍ର ଥିମ୍ ଥିଲା 'ୟାଦୋ କି ପ୍ଲେଲିଷ୍ଟ' । ଦର୍ଶକଙ୍କ ଭଲପାଇବା ଯୋଗୁଁ ଶୋ'କୁ ଅତିରିକ୍ତ ତିନି ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।ନିଜର ଏହି ବିଜୟ ସମ୍ପର୍କରେ ଜ୍ୟୋତିର୍ମୟୀ ଗଣମାଧ୍ୟମକୁ କହିଛନ୍ତି, "ଏହି ଯାତ୍ରା ପ୍ରାୟ ଗୋଟିଏ ବର୍ଷର ଥିଲା । ମୁଁ ୧୪ ସେପ୍ଟେମ୍ବରରେ ମୁମ୍ବାଇ ଆସିଥିଲି । ଏହା ମୋ ପାଇଁ ଏକ ଅତ୍ୟନ୍ତ ସୁନ୍ଦର ଅନୁଭୂତି ଥିଲା । ଟ୍ରଫି ଜିତିବା ଏହି ଯାତ୍ରାକୁ ଆହୁରି ସ୍ମରଣୀୟ କରିଦେଇଛି । ମୁଁ କେବେ ପୁରସ୍କାର ରାଶି ବିଷୟରେ ଚିନ୍ତା କରିନଥିଲି, କେବଳ ଭଲ ପ୍ରଦର୍ଶନ କରିବା ଏବଂ ଦର୍ଶକଙ୍କ ଭଲପାଇବା ପାଇବା ମୋର ଲକ୍ଷ୍ୟ ଥିଲା । ଏବେ ଏହି ଅର୍ଥରାଶିକୁ କିପରି ବ୍ୟବହାର କରିବି, ସେଥିପାଇଁ ଚିନ୍ତା କରିବି ।"ନିଜ ବିଜୟର ଶ୍ରେୟ ଜ୍ୟୋତିର୍ମୟୀ ସଙ୍ଗୀତ ମାଧ୍ୟମରେ ସୁସ୍ଥ ହୋଇଥିବା କର୍କଟ ରୋଗୀମାନଙ୍କୁ ମଧ ଦେଇଛନ୍ତି । ତାଙ୍କର ଏହି ସଫଳତା ବାଲେଶ୍ୱର ସହ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ବିଷୟ ହୋଇଛି ।




# ବାଲିଆପାଳରେ ତୃଣମୂଳ ସ୍ତରରେ କର୍କଟ ରୋଗ ଚିହ୍ନଟର ଅଭିନବ ପଦକ୍ଷେପ



ବାଲେଶ୍ୱର(ନି.ପ୍ର.): ଗ୍ରାମାଂଚଳରେ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ଦ୍ୱାରରେ ପହଂଚାଇବା ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମ ପଂଚାୟତରେ ଏକ ଅଭିନବ ମଡେଲ୍ ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱରସ୍ଥିତ ସ୍ୱାସ୍ଥ୍ୟ ସଂଗଠନ ରିସପ୍ରୋ ହେଲଥ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଯୁବ ବିକାଶର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା ।ଦିନକୁ ଦିନ କର୍କଟ ରୋଗର ବୃଦ୍ଧି ପାଉଥିବା ପ୍ରବଣତାକୁ ଦୃଷ୍ଟିରେ ରଖି ଗ୍ରାମ ସ୍ତରରେ ସ୍ତନ କର୍କଟ, ମୁଖ ଗହ୍ୱର କର୍କଟ ଏବଂ ଆଣ୍ଠୁ ଓ ଗଣ୍ଠି ଜନିତ ସମସ୍ୟାର ପ୍ରାରମ୍ଭିକ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରାଯାଇଥିଲା ।ବିଷ୍ଣୁପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ ଡା. ଦେବାଶିଷ ଦାସ, ଡା. ବିଶାଖା ପଣ୍ଡା, ବରିଷ୍ଠ ଗବେଷକ ଟି. ସଂଯୁକ୍ତା ଏବଂ ସ୍ୱିଡେନର ବିଶିଷ୍ଟ ଚିକିତ୍ସକ ଡା. ରବି ନାରାୟଣ ଦାଶ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ଯୁବ ବିକାଶର ଚେୟାରମ୍ୟାନ୍ ଗୋବିନ୍ଦ ଦଳାଇ କହିଥିଲେ ଯେ, ବାଲିଆପାଳ ଅଂଚଳରେ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟଠାରୁ ଆରମ୍ଭ କରି ରୋଗୀଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଚିକିତ୍ସା ପରବର୍ତୀ ପାଲିଏଟିଭ୍ କେୟାର ପର୍ଯ୍ୟନ୍ତ ସମନ୍ୱିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସଂଗଠନ ପକ୍ଷରୁ ଗୁରୁତ୍ୱ ଦିଆଯିବ ।ଶିବିରର ସୁପରିଚାଳନାରେ ବାଘାଯତୀନ ସ୍ମୃତି ପରିଷଦ ଓ ତ୍ରିଶକ୍ତି କ୍ଲବ୍ ?ର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ । ଏହା ବ୍ୟତୀତ ସ୍ୱେଚ୍ଛାସେବୀ ବସନ୍ତ ବାରିକ, ସୁଦାମ ଦାସ, ସମାଜସେବୀ ପରେଶ କର, ଯୁବନେତା ତୁଷାରକାନ୍ତି ତପସ୍ୱୀ, ଦ୍ୱିଟର ଆକ୍ଟିଭିଷ୍ଟ ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରକଳ୍ପ ସଂଯୋଜକ ଭାଗ୍ୟଲକ୍ଷ୍ମୀ ରାଉତ, ସିଆରପି ଅମିତା କର, ସରପଂଚଙ୍କ ପ୍ରତିନିଧି ଚନ୍ଦନ ଜେନା ଏବଂ ଯୁବ ବିକାଶର ଚୁମୁକି ମାଝୀ, ରାଖାଲ ମାଇତି ଓ ଜଗଦିଶ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଗ୍ରାମାଂଚଳରେ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ, ସଚେତନତା ସୃଷ୍ଟି ଏବଂ ଚିକିତ୍ସା ସେବାକୁ ସୁଲଭ କରାଇବା ଦିଗରେ ଏହି ମଡେଲ୍ ସ୍ୱାସ୍ଥ୍ୟ ଶିବିର ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ବେତନଟୀରେ ଲଗାଣ ବର୍ଷା

ବେତନଟୀ, (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଓ ଏହାର ଆଖପାଖ ଅଂଚଳରେ ବିଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ମୟୂରଭଞ୍ଜ ଜିଲ୍ଲାପାଳ, ମୟୂରଭଞ୍ଜ ଏସିପି, ବେତନଟୀ ବିଡ଼ିଓ, ବେତନଟୀ ତହସିଲଦାର ଏବଂ ପୂର୍ତ ବିଭାଗ (ପିଡବ୍ଲୁଡି)ର ସମସ୍ତ ବରିଷ୍ଠ ଅଧିକାରୀ ମିଳିତ ଭାବେ ସମ୍ବେଦନଶୀଳ ନାଖରା ପୋଲ ଅଂଚଳ ଗସ୍ତ କରି ଜଳସ୍ତର ଓ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଛନ୍ତି । ବର୍ଷା ଜଳ ବୃଦ୍ଧି ପାଉଥିବାରୁ ଜନସାଧାରଣଙ୍କ ଯାତାୟାତ ଏବଂ ଧନଜୀବନର ଯେପରି କୌଣସି କ୍ଷତି ନହୁଏ, ସେଥିପାଇଁ ବିଭାଗୀୟ କର୍ତୃପକ୍ଷଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରି ଆକଳନ ଅନୁଯାୟୀ ରାତି ୯ ଟା ସୁଦ୍ଧା ନାଖରାପୋଲ ଉପର ଦେଇ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି । ତେଣୁ ଶାନ୍ତିଶୃଙ୍ଖଳା ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବୈସିଙ୍ଗା ପୋଲିସକୁ ସମ୍ପୂର୍ଣ୍ଣ ସ୍ଥିତି ବାବଦରେ ଅବଗତ କରାଯାଇ ସତର୍କ ରହିବାକୁ କୁହାଯାଇଛି । ପ୍ରଶାସନର ଏହି ତୁରନ୍ତ ପଦକ୍ଷେପ ଏବଂ କ୍ଷେତ୍ରୀୟ ପରିଦର୍ଶନ ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ଭାବନା ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ଆବଶ୍ୟକ ସ୍ଥଳେ ଯେକୌଣସି ଜରୁରୀକାଳୀନ ସହାୟତା ପାଇଁ ପ୍ରସ୍ତୁତ ରହିବାକୁ ସାଧାରଣରେ ନିବେଦନ କରାଯାଇଛି ।



# ବାଲେଶ୍ୱର ରେଳ ଷ୍ଟେସନରେ ଫ୍ରଂଟଲାଇନ୍ ରେଳ କର୍ମଚାରୀଙ୍କ ପାଇଁ ସିପିଆର୍ ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ

ବାଲେଶ୍ୱର(ନି.ପ୍ର.) : ରେଳବାଇ ନେଟୱର୍କରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସୁରକ୍ଷା ସଂସ୍କୃତିକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ ଅଧୀନ ନଂ-୨୨ ସେଂଟ୍ ଜନ୍ ଆମ୍ବୁଲାନ୍ସ ବ୍ରିଗେଡ୍ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରେ ଫ୍ର[ଲାଇନ୍ ରେଳ କର୍ମଚାରୀଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା, ସିପିଆର୍ (ଉଚଜ) ଓ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା ରେଳ କର୍ମଚାରୀଙ୍କୁ ଜୀବନ ରକ୍ଷାକାରୀ କୌଶଳ ଓ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରଣାଳୀ ସମ୍ପର୍କରେ ଦକ୍ଷ କରାଇବା, ଯାହାଦ୍ୱାରା ଡାକ୍ତରୀ ସହାୟତା ପହଂଚିବା ପୂର୍ବରୁ ସେମାନେ ଚିକିତ୍ସାଜନିତ ଜରୁରୀ ପରିସ୍ଥିତି ଓ ବିପର୍ଯ୍ୟୟକୁ ଦକ୍ଷତାର ସହ ସମ୍ଭାଳି ପାରିବେ ।ସେଂଟ ଜନ୍ ଆମ୍ବୁଲାନ୍ସ ବ୍ରିଗେଡର ପ୍ରମାଣିତ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଏବଂ ଅଭିଜ୍ଞ ସ୍ୱେଚ୍ଛାସେବୀମାନେ ତାତ୍ତ୍ୱିକ ଓ ବ୍ୟବହାରିକ ଉଭୟ ପ୍ରକାରର ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଅଂଶଗ୍ରହଣକାରୀମାନେ ସିପିଆର, ବେସିକ୍ ଲାଇଫ୍ ସପୋର୍ଟ (ଇଖଝ), ଅଟୋମେଟେଡ୍ ଏକ୍ସଟର୍ନାଲ୍ ଡିଫିବ୍ରିଲେଟର୍ (ଇରଉ) ବ୍ୟବହାର, ରକ୍ତସ୍ରାବ ଓ ଶକ୍ ପରିଚାଳନା, ହାଡ଼ ଭାଙ୍ଗିବା ସ୍ଥିତିରେ ପ୍ରାଥମିକ ଚିକିତ୍ସା, ସୁରକ୍ଷିତ ଭାବେ ଆହତଙ୍କୁ ସ୍ଥାନାନ୍ତରଣ, ଅଗ୍ନି ନିରାପତା, ଉଦ୍ଧାର ଓ ନିର୍ଗମନ ପ୍ରକ୍ରିୟା ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କରେ ବିସ୍ତୃତ ତାଲିମ ପାଇଥିଲେ ।କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ସିପିଆ ?ର ସଜୀବ ପ୍ରଦର୍ଶନ । ପ୍ରଶିକ୍ଷାର୍ଥୀମାନେ ସିପିଆର୍ ମାନିକିନ୍ ଉପରେ ଛାତି ଚାପ ପ୍ରୟୋଗ ଓ ଜରୁରୀ ପ୍ରତିକ୍ରିୟା କୌଶଳର ବ୍ୟବହାରିକ ଅଭ୍ୟାସ କରିଥିଲେ । ଏହା ସେମାନଙ୍କୁ ଜରୁରୀ ସମୟରେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାରେ ସହାୟକ ହୋଇଥିଲା ।ପ୍ରଶିକ୍ଷକମାନେ ଜରୁରୀ ପରିସ୍ଥିତିରେ ସତର୍କ ରହିବା, ଦ୍ରୁତ ଓ ପ୍ରଭାବଶାଳୀ ଯୋଗାଯୋଗ କରିବା, ନିଜ ସୁରକ୍ଷାକୁ ଗୁରୁତ୍ୱ ଦେଇ ଅନ୍ୟମାନଙ୍କୁ ସହାୟତା କରିବା ଏବଂ ନିରନ୍ତର ଶିକ୍ଷା ଓ ପ୍ରସ୍ତୁତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ସେ[ ଜନ୍ ଆମ୍ବୁଲାନ୍ସ ବ୍ରିଗେଡର ସଦସ୍ୟମାନେ କହିଥିଲେ ଯେ, ସମୟୋପଯୋଗୀ ପ୍ରଥମିକ ଚିକିତ୍ସା ଏବଂ ତୁରନ୍ତ ସିପିଆର୍ ପ୍ରଦାନ ଅନେକ କ୍ଷେତ୍ରରେ ଜୀବନ ରକ୍ଷା କରିପାରେ । ଏଭଳି ପ୍ରଶିକ୍ଷଣ ଫ୍ର[ଲାଇନ୍ ରେଳ କର୍ମଚାରୀଙ୍କୁ ଯାତ୍ରୀ ଓ ସହକର୍ମୀଙ୍କ ସୁରକ୍ଷା ନିଶ୍ଚିତ କରିବାରେ ଅଧିକ ସକ୍ଷମ କରିଥାଏ । ଖଡ଼ଗପୁର ଡିଭିଜନ ପକ୍ଷରୁ ଭବିଷ୍ୟତରେ ମଧ ଏଭଳି କ୍ଷମତା ବିକାଶ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯାଇ ରେଳବାଇର ଜରୁରୀକାଳୀନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରାଯିବ ବୋଲି ଜଣାପଡ଼ିଛି ।

# ଭାସ୍କରଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଜିଲ୍ଲାରେ ଚର୍ଚ୍ଚା !



ରାୟଗଡା(ନିପ୍ର): ଦିନ ଥିଲା ଭାସ୍କରଙ୍କ ବିନା ଜିଲ୍ଲାରେ ରାଜନୀତି ତୁଚ୍ଛ ବୋଲି ଆକଳନ କରୁଥିଲେ ରାଜନୈତିକ ସମୀକ୍ଷକ । ହେଲେ ଏବେ ଏହାର ପାର୍ଶ୍ୱ ପରିବର୍ତ୍ତନ ହୋଇଥିବା ବେଳେ ଜିଲ୍ଲା ରାଜନୀତି ରେ ଭାସ୍କର ଏକ ରକମର ସ୍ଥାଣୁ ପାଲଟି ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ସମୟରେ ରାୟଗଡା ଜିଲ୍ଲାର ରାଜନୀତି ଜଟିଳ ହୋଇପଡ଼ିଛି । ଭାସ୍କର ଙ୍କ ଜନ୍ମଦିନ ଅବସରରେ ଗୋଟିଏ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଫୋଟ ବର୍ତ୍ତମାନ ଚର୍ଚ୍ଚାର ପରିଧିରେ ରହିଛି । ଯାହାକି ୫ ଦିନ ତଳେ ରାୟଗଡା ତେଜସ୍ୱୀ ପଡିଆରେ ପୂର୍ବତନ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଓ ବିଜୁ ସ୍ୱାଭିମାନ ମଂଚର ପ୍ରତିଷ୍ଠାତା ଏନ୍ ଭାସ୍କର ରାଓ ନିଜର ଜନ୍ମ ଦିନ ପାଳନ କରିଥିଲେ । ଏହି ଅବସରରେ ତାଙ୍କର ଅନୁଗତ ମାନଙ୍କର ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ନେଇ ସୁଅ ଛୁଟିଥିଲା । ଏହି ଅବସରରେ ବର୍ତ୍ତମାନ କିଛି ଦିନ ପୁର୍ବରୁ ବିଜେପିରେ ଯୋଗ ଦେଇଥିବା ଗୁଣୁପୁର ପୌର ଉପାଧ୍ୟକ୍ଷ ଶିବ ଗୌଡ଼ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଭାସ୍କରଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ । ଯାହକି ବିଗତ ଦିନରେ ଭାସ୍କର ଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଶିବ ଗୌଡଙ୍କ ନିବିଡ଼ ସମ୍ପର୍କ ରହିଛି । ସେହିଭଳି ୨୦୨୪ ନିର୍ବାଚନରେ ଭାସ୍କର ଙ୍କ ଗୋଷ୍ଠୀର ଯୁବ ତଥା ଟାଣୁଆ ଆଦିବାସି ନେତା ଜଗନ୍ନାଥ ନୁଣ୍ଡୁକା ବିଜେପିରେ ସାମିଲ ହୋଇ ବିଧାୟକ ପ୍ରାର୍ଥୀ ଭାବେ ଉଭା ହୋଇଥିଲେ ଯାହା ପ୍ରତିଫଳନ ସ୍ୱରୂପ ସେ ସମୟରେ ସମସ୍ତଙ୍କୁ ଚକିତ କରିଦେଇଥିଲା ଯାହାକି ସେତେବେଳେ ପୁର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା । କିନ୍ତୁ ଜିଲ୍ଲାର ବିଗତ ଦିନ ଓ ବର୍ତ୍ତମାନ ରାଜନୀତି ପରିସ୍ଥିତିକୁ ସମୀକ୍ଷା କଲେ ଗୋଟିଏ ପ୍ରଶ୍ନ ଜିଲ୍ଲାବାସୀଙ୍କ ମନରେ ଉଠୁଛି ଯେ ରାଜନୀତିରେ ସବୁକିଛି ସମ୍ଭବ ଭଳି ଭାସ୍କର ଆଗାମୀ ଦିନରେ ତାଙ୍କର ଅନୁଗତ ମାନେ ଯେଉଁ ଭଳି ବିଜେପି ଆଡ଼କୁ ଢଳି ବିଜେପିରେ ଯୋଗ ଦେଇଛନ୍ତି ଭାସ୍କର ମଧ ବିଜେପି ଦଳକୁ ଆପଣାଇବେ ନା ବାହାରେ ରହି ବାହ୍ୟ ସମର୍ଥନ ଦେବେ ନା ନିଜର କୌଣସି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ । କାରଣ ଯାହା ଶୁଣିବାକୁ ମିଳୁଛି ଆଗାମୀ ପଂଚାୟତ ନିର୍ବାଚନରେ ବିଜୁ ସ୍ୱାଭିମାନ ମଂଚ ନିଜର ପ୍ରାର୍ଥୀ ଠିଆ କରି ଜିଲ୍ଲା ବିଜେଡି ର ନେତୃବୃନ୍ଦ ଙ୍କୁ ବିରୁଦ୍ଧରେ ଉଭା ହୋଇପାରେ । ହେଲେ ଆଜିର ଏହି ଜନ୍ମ ଦିନରେ ଶିବ ଗୌଡଙ୍କ ଯୋଗଦାନ କିଛି ଗୋଟିଏ ଆଲୋଚନା ଓ ସମାଲୋଚନା ର ଖୋରାକ ଯୋଗାଇଥିବା ବେଳେ ଦିନ ଥିଲା ଶିବ ଗୌଡ଼ ଭାସ୍କରଙ୍କ ଏକାନ୍ତ ଅନୁଗତ ଥିବା କାହାକୁ ଅଛପା ନାହିଁ । ହେଲେ ଗୋଟେ ପଟେ ଭାସ୍କର ଙ୍କୁ ବିରୋଧ କରି ୟେଲ୍ଲା ଭେଙ୍କଟେଶ୍ୱର ରାଓ ବିଜେପି ରେ ଯୋଗ ଦେଇଥିବା ବେଳେ ଭାସ୍କରଙ୍କ ଜନ୍ମ ଦିନରେ ଗୁଣୁପୁର ପୌର ପରିଷଦର ହାଇ ଭୋଲଟ୍ଜେ ନେତା ଶିବ ଗୌଡ଼ ଭାସ୍କରଙ୍କ ଗହଣରେ ରହିବା ଆଗକୁ ରାଜନୀତିରେ କିଭଳି ସମୀକରଣର ଆଭାସ ଦେଉଛି ତାହା ସମୟ ହିଁ କହିବ । ଏହା ମଧ ଶୁଣିବାକୁ ମିଳୁଛି ଯେ ଭାସ୍କରଙ୍କ ର ନିଜର ରାଜନୀତି କ୍ୟାରିଅର ଓ ବ୍ୟବସାୟ କୁ ସୁରକ୍ଷା ଦେବାକୁ ମଧ ବିଜେପି କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଶାସକ ଦଳ ସହ ସାମିଲ ହୋଇପାରନ୍ତି । ଏହା ଛଡା ୨୦୨୩ ରେ ଟ୍ରକ୍ ୟୁନିଅନ କୁ ନେଇ ଏକ ଏତଲା ମଧ ଭାସ୍କରଙ୍କ ନାଁ ରେ ଦିଆଯାଇଥିବା ବେଳେ ଉକ୍ତ ଏତଲାକୁ ନେଇ ଚଳିତ ମାସ ୯ ତାରିଖରେ ରାୟଗଡା ଥାନାରେ ଏକ ମାମଲା ମଧ ରୁଜୁ କରାଯାଇଛି । ଯାହାକି ଏ ନେଇ ମଧ ଆଗାମୀ ଦିନରେ ଭାସ୍କରଙ୍କ ପାଇଁ ଅଡୁଆ ବଢିପାରେ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ର ବିଷୟ ପାଲଟିଛି । ଯାହାକି ଭାସ୍କରଙ୍କ ଶାସକ ତଥା ବିଜେପି ଦଳ ଆଡ଼କୁ ମୁହାଁଇବା ଏକ କାରଣ ମଧ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି । ଏବେ ଜିଲ୍ଲାରେ ସମସ୍ତଙ୍କର ଗୋଟିଏ ଅପେକ୍ଷା ଯେ ଭାସ୍କର ଆଗାମୀ ଦିନରେ କଣ ନିଷ୍ପତି ନେଉଛନ୍ତି ତାହା ସମୟ ହିଁ କହିବ ।

# ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ, ଚାଷୀକୂଳ ହତାଷ

ସିମୁଳିଆ(ନିପ୍ର): ବାଲେଶ୍ୱର ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ସିମୁଳିଆରେ ପ୍ରାୟତଃ ୮୦ଭାଗରୁ ଅଧିକ ଚାଷୀ ଧାନ ଚାଷ ଉପରେ ନିର୍ଭର କରନ୍ତି । ତେବେ ବାରୋଗଡିଆ, କାଂଶବାଂଶ, ପିତାକାଳିଆ ଓ ରେବ ନଦୀ ଉପକୂଳବର୍ତ୍ତି ଅଂଚଳ ହୋଇଥିବା ୬ଗୋଟି ପଂଚାୟତ ଅଧିକାଂଶ ସମୟରେ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ । ଚଳିତ ବର୍ଷ ଚାଷ କାର୍ଯ୍ୟ ଆରମ୍ଭ ହେବା ସମୟରେ ଠିକ ପରିମାଣରେ ବର୍ଷା ହୋଇଥିବା ଯୋଗୁଁ ଭଲ ଚାଷ ହେବା ନେଇ ଆଶା ପ୍ରକାଶ ପାଇଥିଲା । ତେବେ ଗତ କିଛିଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ହେବା ଫଳରେ ଚାଷ ଜମି ସବୁ ଜଳମଗ୍ନ ହୋଇଛି । ଜଳ ନିଷ୍କାସନ ପାଇଁ ଥିବା ନାଳ ସବୁ ବନ୍ଦ ହୋଇଯାଇଥିବାରୁ ଚାଷ ଜମିରେ ଆଣ୍ଠିଏ ପାଣି ଲହଡି ମାରୁଛି । ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ମଧ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି କ୍ଷ ୧୮ଦିନରୁ ଉର୍ଦ୍ଧ୍ୱ ହେବ ଜମିରେ ପାଣି ରହିଥିବାରୁ ତଳି ପଚିଯିବା ସହିତ କିଛି ଭାସିଯାଇଥିବା ଜଣାପଡ଼ିଛି କ୍ଷ ଫଳରେ ଚଳିତ ବର୍ଷ ଚାଷିମାନେ ଧାନ ଚାଷରେ ଯେଉଁ ଅର୍ଥ ଲଗାଇଥିଲେ ତାହା ଫେରି ପାଇବା ପାଇଁ ସନ୍ଦେହ ସୃଷ୍ଟି ହୋଇଛି । ଜସେହିପରି ପରିବାର ପାଇଁ ମଧ ଧାନ ମିଳିବା କଷ୍ଟକର ହେବ ବୋଲି କିଛି ଚାଷୀ ମତ ପ୍ରକାଶ କରିଛନ୍ତି ।

# ବୈତରଣୀ ଓ କୋଚିଲା ନଦୀର ସମ୍ଭାବ୍ୟ ବନ୍ୟା ମୁକାବିଲାକୁ ନେଇ ମନ୍ତ୍ରୀ ଓ ଜିଲ୍ଲାପାଳ ଙ୍କ ସମୀକ୍ଷା




ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଲଘୁଚାପ ଜନିତ ଏହି କ୍ରମାଗତ ବର୍ଷା ଯୋଗୁଁ ଧାମନଗର ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛ । ଅତିରିକ୍ତ ବର୍ଷା କାରଣରୁ ଧାମନଗର ଅଂଚଳରେ ବେହାଲ ଅବସ୍ଥା ସୃଷ୍ଟି ହୋଇଛି । ଧାମନଗର ସମେତ ଦୋବଲ, ଧୁଷୁରୀ ଏବଂ ଅଶୁରାଳୀ ଜୋନ ର ବିଭିନ୍ନ ପଂଚାୟତରେ ଚାଷ ଜମି ଗୁଡ଼ିକରେ ବର୍ଷା ଜଳ ଭରି ରହିଛି । ପ୍ରବଳ ବର୍ଷା ରେ ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଉପଡି ପଡି ରାସ୍ତା ଉପରେ ପଡ଼ିଥିବା ବେଳେ ଧାମନଗର ଦମକଳ ବାହିନୀ ଗଛ କାଟି ସଫାକରିଥିଲେ । ଏହା ସହିତ ଗ୍ରାମାଂଚଳର ବିଭିନ୍ନ ରାସ୍ତାଘାଟରେ ପାଣି ଜମିରହି ଯାତାୟାତ ପ୍ରଭାବିତ ହୋଇଛି । ସ୍ଥାନୀୟ ଧାମନଗର ଫଳପୁର ରାସ୍ତା, ବ୍ଲକ ରାସ୍ତା ଏବଂ ପେଟ୍ରୋଲ ପମ୍ପ ନିକଟସ୍ଥ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ଲଗାଣ ବର୍ଷା ଯୋଗୁଁ ବୈତରଣୀ ଓ କୋଚିଲା ନଦୀରେ ବନ୍ୟା ଆସିବାର ସମ୍ଭାବନାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଧାମନଗର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ଜରୁରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ସମସ୍ତ ଅଧିକାରୀ ମାନଙ୍କ ସହ । ସମ୍ଭାବ୍ୟ ବନ୍ୟା ସଂମ୍ପର୍କ ରେ ଆଲୋଚନା କରିଥିଲେ । ବ୍ଲକ ର ସମସ୍ତ ବିଦ୍ୟାଳୟ କୁ ଦୁଇଦିନ ପାଇଁ ଛୁଟି ଘୋଷଣା କରା ଯାଇ ଥିବାବେଳେ ୭ ଦିନ ପର୍ଯ୍ୟନ୍ତ କେହି ସରକାରୀ ଅଧିକାରି ଛୁଟି ନେଇ ପାରିବେ ନାହିଁ ବୋଲି ପ୍ରଶାସନ ତରଫରୁ ଘୋଷଣା କରା ଯାଇଛି । ଗର୍ଭବତି ମହିଳା ଓ ବୟସ୍କ ଲୋକ ଙ୍କୁ ଉଚ୍ଚା ସ୍ଥାନ ଓ ସୁରକ୍ଷିତ ସ୍ଥାନ କୁ ଯିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଚି । ପଧାନି ପଂଚାୟତ ର କୋଚିଲା ନଦୀର ବିପଦ ସଙ୍କୁଳ ନଦୀ ବନ୍ଧ ଦୁର୍ବଳ ଥିବାରୁ ସ୍ଥାନୀୟ ସଇଲୋ ଅଂଚଳର ଲୋକମାନେ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆ ଯାଇଚି । ସମସ୍ତ ବିଦ୍ୟାଳୟ କୁ ଅସ୍ଥାୟୀ ଆଶ୍ରୟସ୍ଥଳ ଘୋଷଣା କରା ଯାଇଚି । ସମସ୍ତ ପଂଚାୟତ ରେ ପରିସ୍ଥିତି କୁ ଲକ୍ଷ କରାଯାଇ ରନ୍ଧା ଖାଦ୍ୟ ଯୋଗାଇଦିଆ ଯିବ ।ବନ୍ୟା ଓ ଜଳବନ୍ଦୀ ପରିସ୍ଥିତିକୁ ନେଇ ଭୟଭୀତ ନ ହେବାକୁ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି । ନିମ୍ନାଂଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ଏବଂ ଅନାବଶ୍ୟକ ଭାବେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆ ଯାଇଛି । ସମ୍ଭାବ୍ୟ ବର୍ଷାଜନିତ ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସରକାରୀ ବିଭାଗକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# କମ୍ରେଡ ବଂଶୀଧର ମହାନ୍ତିଙ୍କ ୪ର୍ଥ ଶ୍ରଦ୍ଧାଞ୍ଜଳି ସଭା



କଟକ(ନିପ୍ର): ଜୋବ୍ରା ରୋଡ୍ ସ୍ଥିତ ଏସ୍. ଏନ୍. ସରକାର ସ୍ମୃତି ଭବନରେ କମ୍ରେଡ୍ ବଂଶୀଧର ମହାନ୍ତିଙ୍କ ଚତୁର୍ଥ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ କମ୍ରେଡ୍ ବଂଶୀଧର ମହାନ୍ତିଙ୍କ ତ୍ୟାଗମୟ, ସଂଘର୍ଷମୟ ଓ ଆଦର୍ଶ ଜୀବନକୁ ସ୍ମରଣ କରିବା ସହିତ ମହାନ ଆତ୍ମାଙ୍କ ପାଦପଦ୍ମରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶିବ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରର ଶୀର୍ଷକ ଥିଲା ସାମ୍ପ୍ରତିକ ପରିସ୍ଥିତିକୁ ସାମନା କରିବା ପାଇଁ ବଂଶୀଧର ମହାନ୍ତିଙ୍କ ଜୀବନାଦର୍ଶର ପାସଙ୍ଗିକତା । ଏହି ସଭାକୁ ବିଶିଷ୍ଟ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଉଦ୍ଘାଟନ କରିଥିବାବେଳେ ବଂଶୀଧର ମହାନ୍ତିଙ୍କ ଆଦର୍ଶକୁ ପାଥେୟ କରି ସଂଗ୍ରାମକୁ ଆଗେଇ ନେବା ହିଁ ବଂଶୀଧର ମହାନ୍ତିଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତବ୍ୟରେ କହିଥିଲେ । ପ୍ରାରମ୍ଭିକ ସୂଚନା ଦେଇ ରବୀନ୍ଦ୍ର ନାଥ ଧଳ କହିଲେଯେ ସାଧନା, ସେବା ଓ ସଂଗ୍ରାମର ସମନ୍ୱୟ ସାଧନାରେ ସିଦ୍ଧହସ୍ତ ଥିଲେ ବଂଶୀଧର ବାବୁ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ନେତା ରାଜକିଶୋର ମଲ୍ଲିକ ଓ ମନୋରଞ୍ଜନ ମହାରଣା, ବ୍ୟାଙ୍କ୍ କର୍ମଚାରୀ ନେତା ପ୍ରଦୀପ ଷଡ଼ଙ୍ଗୀ, ସିଟି କୋଅର୍ଡିସନ କମିଟିର ଆବାହକ ଅଭୟ କୁମାର ଦାସ, ରାଜ୍ୟ ସରକାରୀ ପେନସନର ସଂଘର ସମ୍ପାଦକ ଗୋକୁଳାନନ୍ଦ ବେହେରା, ଜୀବନବୀମା ପେନସନର ସଂଘର ମାନଗୋବିନ୍ଦ ବାରିକ, ପ୍ରଦୀପ ମହାନ୍ତି, କୃଷ୍ଣଚନ୍ଦ୍ର ବେହେରା, ସପନ ମହାନ୍ତି, ରବିନାରାୟଣ ମଲ୍ଲିକ, ରବିନାରାୟଣ ମହାନ୍ତି, ପୁରୁଷୋତମ ବୁଲି, ନିର୍ମଳ ଦାସ, ଫଣିଭୂଷଣ ତ୍ରିପାଠୀ, ହେମନ୍ତ ମହାନ୍ତି ଓ ଜ୍ୟୋତି ମହାନ୍ତି, ପି କେ ସିହ୍ନା ଓ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇ ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଂଶୁମାନ ଖୁଂଟିଆ ।


No. 19001/168/2627

**OFFICE OF THE PANCHAYAT SAMITI TIRING MAYURBHANJ**

At/Po- Tiring, Dist- Mayurbhanj, 757053 (Odisha)

**TENDER CALL NOTICE**

No. 1761 Date 27.07.2026

ANNEXURE - "A"

The Block Development Officer, Tiring on behalf of Government of Odisha invites sealed cover tender on **Percentage (%) rate bid** in single cover system for construction of works as detailed below in the table from Registered & Eligible Civil contractors of Odisha PWD (R&B)/ WR/ RWD/ NH/MI/CPWD for the following works in conformity with the detail tender call notice.

| Sl No | Name of the work | Amount put to the tender (in Rs) | EMD to be deposited (in Rs) | Cost of Tender Paper (in Rs) | Class of Contractors | Period of Completion |
|---|---|---|---|---|---|---|
| 1 | Estimate for Construction of GPSS Kendra at GP level under Badnarini GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |
| 2 | Estimate for Construction of GPSS Kendra at GP level under Gitilata GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |
| 3 | Estimate for Construction of GPSS Kendra at GP level under Rengalbeda GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |
| 4 | Estimate for Construction of GPSS Kendra at GP level under Pandupani GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |
| 5 | Estimate for Construction of GPSS Kendra at GP level under Kulughutu GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |
| 6 | Estimate for Construction of GPSS Kendra at GP level under Tiring GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |
| 7 | Estimate for Construction of GPSS Kendra at GP level under Lupung GP | 23,84,051.00 | 23850.00 | 6,000.00 | 6 months | 'C' & 'B'/ Equivalen |

For detailed Term and conditions please visit our website www.mayurbhanj nic.in

Sd/-
Block Development Officer,
Tiring

OIPR. 19001/19135/1/26-27/0002



ଓଡ଼ିଶା ସରକାର
No. 24001/324/2627

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

ଘୋଷଣା

No **RDM-LAA-BDK-0010-2023**-45059 R&DM, Dated:29.11.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳଭଦ୍ରପ୍ରସାଦ, ଥାନା- ବଂଶଡା ସଂଖ୍ୟା- ୧୪୬, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ସୁଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ଶିଳ୍ପ ପାର୍କ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୨୮୩୯ ତା. ୧୩.୦୯.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୪୧୪୦୦ ତା. ୦୧/୧୧/୨୦୨୫ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୦୨/୧୨/୨୦୨୫ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ବଳଭଦ୍ରପ୍ରସାଦ, ଥାନା- ବଂଶଡା ସଂଖ୍ୟା- ୧୪୬, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୁପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଶିଳ୍ପ ପାର୍କ ପ୍ରକଳ୍ପ , ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଳଭଦ୍ରପ୍ରସାଦ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୪.୦୩୦୦ | ଏକର ୧୪.୦୩୦୦ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୨.୧୨.୨୦୨୫ ।

**ଭୂମି ଅନୁସୂଚୀ (ବେସରକାରୀ)**
**ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ**

ମୌଜାର ନାମ: ବଳଭଦ୍ରପ୍ରସାଦ
ଥାନା ଓ ନଂ.: ବାଁଶଡା, ୧୪୬
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

| କ୍ର.ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତା ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୧୦୧ | ୪୨୭ | ୩.୪୨୦ | ୩.୪୨୦ | ଶାରଦ-୨ | ପରିକ୍ଷିତ ଦାସ, ଉପେନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ପି: ପ୍ରାଣକୃଷ୍ଣ ଦାସ, ପୁରନ୍ଦର ଦାସ ପି: ହାଡିବନ୍ଧୁ ଦାସ ଜା: ଗୋପାଳ ବା: ନିଜଗାଁ |
| ୨ | ୭୭ | ୧୩୩ | ୩.୭୦୦ | ୩.୭୦୦ | ଶାରଦ-୨ | ଜଗବନ୍ଧୁ ବେହେରା, ପି-ଦଧି ବେହେରା, ଜାତି-କୁବେର ଗ୍ରାମ-ମହୁଲିଆ । |
| ୩ | ୩୮ | ୧୧୬ | ୫.୧୯୦ | ୫.୧୯୦ | ଶାରଦ-୨ | କୃପାସିନ୍ଧୁ ବେହେରା ପି- ନିଧି ବେହେରା ଜାତି-କୁବେର ଗ୍ରାମ-ମହୁଲିଆ । |
| ୪ | ୮୪ | ୧୧୫ | ୧.୭୨୦ | ୧.୭୨୦ | ଶାରଦ-୨ | ବୈଦେହୀ ବେହେରା, ଭାଗୀରଥୀ ବେହେରା, ଗଙ୍ଗାଧର ବେହେରା ପି- ବିନୋଦ ବେହେରା ଜାତି-କୁବେର ଗ୍ରାମ-ମହୁଲିଆ |

ମୋଟ ୧୪.୦୩୦ ୧୪.୦୩୦

ସ୍ୱା/-
ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR. 24001/24001/3/26-27/0096





ସଂସାରରେ କାହାର ମୃତ୍ୟୁ ହୁଏ ? ସମସ୍ତେ କହିବେ 'ଦେହ'ର କିନ୍ତୁ ନାଁ ପ୍ରକୃତରେ ମୃତ୍ୟୁ ହୁଏ 'ମୁଁ'ର । କାହିଁକି ନା ଅମୁକର ଦେହ, ନାମ, ଗାଁ, ଠିକଣା ରହିଯିବ କିନ୍ତୁ ମୁଁ ଶବ୍ଦଟି ଲିଭିଯାଏ ।

# ଆଜିକାଲି



ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ । ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଗୁରୁପୂର୍ଣ୍ଣିମାର ମହତ୍ତ୍ୱ

ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି, କାରଣ ଗୁରୁ ହିଁ ଭଗବାନଙ୍କ ସାକାର ମୂର୍ତ୍ତି ଓ ସେ ଅଖଣ୍ଡ । ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନ ଓ ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ବେଦବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇ ଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିରେ ମୁକାବିଲା କରିବା ପାଇଁ ବାଟ ମଧ୍ୟ ଦେଖାଇଥାନ୍ତି । ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି । ଏପରିକି ଜଣେ ଗୁରୁ ଚାହିଁଲେ ଶିଷ୍ୟଙ୍କୁ ନିଜ ଠାରୁ ଶ୍ରେଷ୍ଠ ବ୍ୟକ୍ତିରେ ମଧ୍ୟ ପରିଣତ କରିଦେଇପାରିବେ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କ ପରମାତ୍ମାଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । ଜଣେ ସାଧକ ପାଇଁ ଗୁରୁ ଭଗବାନଙ୍କ ସ୍ୱରୂପ । ଗୁରୁଙ୍କ ଶକ୍ତିର କୌଣସି ସୀମା ନାହିଁ । ଏହି ଶକ୍ତି ଅନନ୍ତ ତଥା ଅଖଣ୍ଡ । ଗୁରୁ କହିଥିବା ବାଣୀକୁ ଶିଷ୍ୟ ବୁଝିବା ଉଚିତ । ସମସ୍ତ ପୂର୍ଣ୍ଣିମା ମଧ୍ୟରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି କାରଣ ପରମାତ୍ମଜ୍ଞାନ, ପରମାତ୍ମ ଧ୍ୟାନ ଓ ପରମାତ୍ମ ଜ୍ଞାନ ପ୍ରାପ୍ତି ଅସମ୍ଭବ, ଏକମାତ୍ର ସଦ୍ଗୁରୁ ହିଁ ପରମାର୍ଥିକ ଜୀବନରେ ଏକମାତ୍ର କାମ୍ୟ । ଗୁରୁପଦ ବନ୍ଦନା, ସ୍ମରଣ ତଥା ଧ୍ୟାନ ବଳରେ ଜ୍ଞାନଜ୍ୟୋତି ଉଦ୍ଭାସିତ ହୁଏ, ସଂସାରରୂପୀ ରାତ୍ରିର ସର୍ବକଳୁଷ ଅପନୋଦନ ହୋଇ ଯାଏ । ଆଦିଗୁରୁ ବ୍ୟାସଦେବଙ୍କ ଅଗାଧ ଜ୍ଞାନର ଭଣ୍ଡାର ଥିଲେ । ଏହା ନିଃସନ୍ଦେହ ଯେ ମହର୍ଷି ବେଦବ୍ୟାସକୃତ ଶାସ୍ତ୍ର ପଠନ ଶ୍ରବଣ ବିନା ଭାରତରେ ଅବା ବିଶ୍ୱରେ କୌଣସି ଆଧାତ୍ମିକ ଉପଦେଶ ବର୍ଣ୍ଣ ପାରିନାହାଁନ୍ତି । ପ୍ରାଚୀନ କାଳରେ ମୁନିଋଷିମାନେ କହିଯାଇଛନ୍ତି, ଗୁରୁଙ୍କ ଛବି ହେଉଛି ସେହି ମୂଳତତ୍ତ୍ୱ ଯେଉଁଥିରୁ ଧ୍ୟାନ ଆସିଥାଏ । ସାଧକ ଦ୍ୱାରା କରା ଯାଇଥିବା ପୂଜା ଅଥବା କୌଣସି ପ୍ରକାର ତପ ଗୁରୁଙ୍କ ଚରଣ କମଳକୁ ଆସିଥାଏ । ମନ୍ତ୍ରର ମୂଳ ଗୁରୁଙ୍କ ବଚନରୁ ଉଦ୍ଭୂତ ହୋଇ ଥାଏ ଏବଂ ଗୁରୁଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ ।

## ଗୁରୁ ଗଙ୍ଗାଧର ପ୍ରଧାନ



ଗୋଟିପୁଅ ନାଚରୁ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ନୃତ୍ୟ ଜୀବନ ଆରମ୍ଭ ହୋଇଥିଲା । ଗୁରୁ ବାରବର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରୁଥିଲେ । ନୃତ୍ୟ ପ୍ରତି ରୁଚି ବଢ଼ିବାରୁ ଆସିଥିଲେ ସଂଗୀତ ମହାବିଦ୍ୟାଳୟ । ଛାତ୍ର ଜୀବନର ଗୁରୁ ଥିଲେ ପଙ୍କଜ ଚରଣ ଦାସ, ଦେବ ପ୍ରସାଦ ଦାସ, ସିଂହାରୀ ଶ୍ୟାମସୁନ୍ଦର କର, ବନମାଳୀ ମହାରଣା, ଡ.ମିନତି ମିଶ୍ର ପ୍ରମୁଖ । ଉଭୟ ନୃତ୍ୟ ଓ ପୋଷାକ ବାବଦରେ ପଟୁତା ହାସଲ କରିଥିଲେ । ନୃତ୍ୟ ପ୍ରଦର୍ଶନ ସହ ବିଦେଶରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରାଇ ଥିଲେ । ଗୁରୁ ଗଙ୍ଗାଧର ଥିଲେ ଓଡ଼ିଶୀ ନୃତ୍ୟର ଅନ୍ୟତମ ଅଗ୍ରଦୂତ ଓ ମାର୍ଗଦର୍ଶକ । ନୂତନ ଶୈଳୀର ନୃତ୍ୟ ସଂଯୋଜନା ଏବଂ ଛନ୍ଦ ମୁଦ୍ରାର ସ୍ୱତନ୍ତ୍ରତା ପାଇଁ ତାଙ୍କର ପ୍ରସିଦ୍ଧି ଥିଲା । ଭୁବନେଶ୍ୱରସ୍ଥିତ ଓଡ଼ିଶା ନୃତ୍ୟ ଏକାଡେମୀର ସେ ପ୍ରତିଷ୍ଠା କରିଥିଲେ କୋଣାର୍କ ନାଟ୍ୟ ମଣ୍ଡପ । ତାଙ୍କ ଉଦ୍ୟମରେ କୋଣାର୍କ ନାଟ୍ୟ ଉତ୍ସବକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିଲା । ଘର ବାହୁଡ଼ା, ଗପ ହେଲେ ବି ସତ, ଶ୍ରୀକୃଷ୍ଣ ରାସଲୀଳା ଆଦି ଚଳଚ୍ଚିତ୍ରର ନୃତ୍ୟ ସଂଯୋଜନା କରିଥିଲେ । ଉଭୟ ରାଜ୍ୟ ଓ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଦ୍ୱାରା ସେ ସମ୍ମାନିତ । ୨୦୦୮ରେ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା । ୧୯୪୮ ଜୁଲାଇ ଆଜିର ଦିନରେ ବ୍ରହ୍ମଗିରି ଅନ୍ତର୍ଗତ ପାରିକୁଳ ଗାଁରେ ସେ ଜନ୍ମ ହୋଇଥିଲେ ।

### ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ

# ବାଘ ମାମୁଁର ସୁରକ୍ଷା

◆ ଅଲେଖ ଚନ୍ଦ୍ର ସାମଲ, ଓଏଫଏସ୍-୧ (ଏସ୍.ବି.)



ବାଘ, କେବଳ ଏକ ହୁଙ୍କାରରେ ସମସ୍ତଙ୍କୁ ଭୟଭୀତ କରିଥାଏ । ଏହି ଜନ୍ତୁଟି ମଧ୍ୟ ଭାରତର ଜାତୀୟ ପଶୁ ଭାବରେ ସ୍ଥାନିତ ହୋଇଛି । ବାଘଙ୍କର ସଂଖ୍ୟା ଅନ୍ତର୍ଜାତୀୟ ସ୍ତରରେ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଗବେଷକମାନେ ଏହି ଚେତାବନୀ ଅନେକ ପୂର୍ବରୁ ଦେଇସାରିଛନ୍ତି । ଏମାନଙ୍କ ସଂଖ୍ୟା ବୃଦ୍ଧି ନହେଲେ ଡାଇନୋସୋର ପରି ଏହି ଜୀବଟି ମଧ୍ୟ ଇତିହାସରେ ସ୍ଥାନ ପାଇବାର ସମ୍ଭାବନା ରହିଛି । ସବୁକିଛିକୁ ଲକ୍ଷ୍ୟରେ ରଖି ସେଂଟ ପିଟର୍ସବର୍ଗ ଠାରେ ଥିବା ଏକ ବ୍ୟାଘ୍ର କମିଟି ୨୦୧୦ ଠାରୁ ଏହି ଦିନକୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଭାବରେ ଘୋଷଣା କଲା । ଭାରତରେ ବାଘଙ୍କ ପ୍ରକୃତି ସଂଖ୍ୟା ନେଇ ଭିନ୍ନ ଚିତ୍ର ରହିଥିବାବେଳେ ନିକଟରେ କେନ୍ଦ୍ର ସରକାରଙ୍କ ତଥ୍ୟ ନେଇ ଏହା ହେଉଛି ୨୨୨୬ ଯାହାକି ବୈଜ୍ଞାନିକ ଭିତିସମ୍ପନ୍ନ ତଥ୍ୟରୁ ଜଣାଯାଇଛି । ଗଭର୍ଣ୍ଣମେଂଟ ଓ୍ୱାଇଲ୍ଡ ଲାଇଫ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଡେରାଡୁନର ବିଶେଷଜ୍ଞମାନେ ଏକ ପ୍ରସ୍ତାବ ଦେଇଛନ୍ତି ଯେ କେନ୍ଦ୍ରୀୟ ଭାରତର ପ୍ରସିଦ୍ଧ ବ୍ୟାଘ୍ର ଅଭୟାରଣ୍ୟ କାହ୍ନା ନେସନାଲ ପାର୍କରେ ୩୦ ପ୍ରତିଶତ ବାଘ ରହିଛନ୍ତି । ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ – ବ୍ୟାଘ୍ର ସୁରକ୍ଷା କ୍ଷେତ୍ରରେ ଭାରତର ଦୀର୍ଘ ଦିନରୁ ସଫଳ ରେକର୍ଡ ରହିଛି । ୧୯୭୩ରେ ଆମେ ପ୍ରୋଜେକ୍ଟ ଟାଇଗର ଲଂଚ କରିଥିଲୁ । ଏଥିରେ ଆରମ୍ଭରୁ ନଅଟି ବାଘ ଥିଲାବେଳେ ଏ ସଂଖ୍ୟା ଏବେ ୪୯ ହୋଇଛି । ବ୍ୟାଘ୍ର ସଂରକ୍ଷଣ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟିତ୍ୱ । ଦୟ ଓ ସ୍ୱହବସ୍ଥାନକୁ ଉତ୍ସାହିତ କରୁଥିବା ଆମର ସାଂସ୍କୃତିକ ଉତରଦାୟିତ୍ୱ 'ପ୍ରୋଜେକ୍ଟ ଟାଇଗର' ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଭଳି ମିଳିତ ଉଦ୍ୟମ ଦୃଷ୍ଟିରୁ ବାଘ ସଂଖ୍ୟା ୩୦ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୧୦ରେ ବାଘ ସଂଖ୍ୟା ୧୭୦୬ ଥିବାବେଳେ ୨୦୧୪ରେ ଏହି ସଂଖ୍ୟା ୨୨୨୬ରେ ପହଂଚିଛି' । ନିକଟରେ ନୂଆଦିଲ୍ଲୀର ବିଶ୍ୱ ବ୍ୟାଘ୍ର ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଠକ ହୋଇଥିଲା । ଯେଉଁଥିରେ ଗୋଟିଏ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ବିଶ୍ୱରେ ବାଘ ସଂଖ୍ୟା ଦ୍ୱିଗୁଣ କରିବାର ଯୋଜନା ରଖାଯାଇଛି । ଏହି ଘୋଷଣା ୨୦୧୪ ଏପ୍ରିଲ ମାସରେ ହୋଇଥିବା ଗ୍ଲୋବାଲ ଟାଇଗର ଫୋରମ ବୈଠକରେ ଘୋଷିତ ହୋଇଛି । ଗ୍ଲୋବାଲ ଟାଇଗର ଫୋରମ୍‌ର ତଥ୍ୟ ଅନୁଯାୟୀ ୧୦୦ଲକ୍ଷ ପୂର୍ବେ ଏକଲକ୍ଷ ବାଘ ଥିଲେ । ୨୦୧୦ରେ ଏ ସଂଖ୍ୟା ମାତ୍ର ୩୨୦୦ । ତେବେ ବାଘ ରହୁଥିବା ଦେଶର ସରକାରମାନେ ୨୦୨୨ ସୁଦ୍ଧା ଏହାକୁ ଦ୍ୱିଗୁଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ଏହି ଲକ୍ଷ୍ୟ ଛଟି ଇନ୍‌ଟୁ ଟି' ନାମରେ ପରିଚିତ । ବାଘ ଗଣନା ପାଇଁ ସାଧାରଣରେ ବାଘ ବିଶେଷଜ୍ଞମାନେ ଡିଏନ୍‌ଏ କୌଶଳ ପ୍ରୟୋଗ କରିଥାନ୍ତି । ଏହି ପଦ୍ଧତିରେ ବାଘ ଲୋମ କିମ୍ବା ମଳମୂତ୍ର ସଂଗ୍ରହ କରାଯାଇ ଏଗୁଡ଼ିକୁ ଜୈବରାସାୟନିକ ପଦ୍ଧତିରେ ବିଶ୍ଲେଷଣ କରାଯାଇ ବାଘଙ୍କ ଭିନ୍ନତା ପରୀକ୍ଷା କରାଯାଇଛି । ଏହା ନିରାଡର ତଥ୍ୟ ବାଘଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି । ସେମାନଙ୍କ ଜୀବନ ଧାରଣା ମାନ ମଧ୍ୟ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଂଚୁଛି । ରାଜନୀତିକ ଚିନ୍ତନର ଉର୍ଦ୍ଧ୍ୱକୁ ଯାଇ ବ୍ୟକ୍ତିଗତ ଭାବେ ଆମକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେବାର ଅଛି । ଏହି ଲେଖକ ସରକାରୀ କାର୍ଯ୍ୟକ୍ରମ ଭିତରେ ବ୍ୟାଘ୍ର ସଂରକ୍ଷଣ ଆନ୍ଦୋଳନକୁ ସମର୍ଥନ କରୁଛି । ଓଡ଼ିଶା ସରକାର ବାଘଙ୍କ ସୁରକ୍ଷା ପାଇଁ ଯେଉଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ବାଘଙ୍କ ସୁରକ୍ଷା ପାଇଁ ବହୁତ ବଡ଼ କଥା । ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ପରିବେଶ ବିଭାଗର ମନ୍ତ୍ରୀ ଯେଉଁ ବାଘ ସଂରକ୍ଷଣ ଜନିତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହା ସୁଦୂର ପ୍ରସାରି ଓ ଜନହିତକାରୀ । କାରଣ ସାଧାରଣରେ ପିଲାଦିନର ସ୍ମୃତିରେ ବାଘ ମାମୁଁ କହିଲେ ଯେଉଁ ନ ଦେଖିଥିବା ଚରିତ୍ରକୁ ଚିହ୍ନିଥାଉ ତାହା ହେଉଛି ଆମ ସମୟର ବାଘ । ବିଭିନ୍ନ ଆଧାର୍ଭିକ ସଂଗଠନର କାର୍ଯ୍ୟକ୍ରମରେ ଏହି ଲେଖକର ପିଲାଦିନର ସ୍ମୃତି ରହିଛି । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ବୃତିଗତ କ୍ଷେତ୍ର ଏ ସେବା କ୍ଷେତ୍ରକୁ ବ୍ୟାପକ କରିଛି । ଆଜି ବିଶ୍ୱ ବାଘ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ବାଘ ମାମୁଁଙ୍କ ଭଲ ପାଇବାର ମହୋନୀୟତା ରହୁ ଏହା ହିଁ କାମନା ।

*ପୂର୍ବତନ ଡିଏଫଓ (କେନ୍ଦୁଲିଫ୍), ବାଲିଚନ୍ଦ୍ରପୁର, ଯାଜପୁର, : ୯୪୩୭୨୫୭୧୨୩*

# ବାଘ ସଂରକ୍ଷଣ, ଏହାର ପରିବେଶୀୟ ଗୁରୁତ୍ୱ, ସୁରକ୍ଷା ବ୍ୟବସ୍ଥା

ପ୍ରତିବର୍ଷ ଜୁଲାଇ ୨୯ ତାରିଖରେ ସମଗ୍ର ବିଶ୍ୱରେ 'ଆନ୍ତର୍ଜାତୀୟ ବାଘ ଦିବସ' ବା 'ବିଶ୍ୱ ବାଘ ଦିବସ' (International Tiger Day) ଅତ୍ୟନ୍ତ ନିଷ୍ଠା ଓ ଗାମ୍ଭୀର୍ଯ୍ୟର ସହିତ ପାଳନ କରାଯାଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଙ୍ଗଲର ରାଜା ତଥା ପରିବେଶ ସନ୍ତୁଳନର ପ୍ରତୀକ ମହାବଳ ବାଘ (Panthera tigris) ର ସୁରକ୍ଷା, ଜୈବବିବିଧତା ସଂରକ୍ଷଣ ଏବଂ ଏହାର ପ୍ରାକୃତିକ ବାସସ୍ଥଳୀକୁ ବିଲୁପ୍ତି ଦାଉରୁ ରକ୍ଷା କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି ଦିବସର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାଯାଏ ଯେ ୨୦୧୦ ମସିହାରେ ରାଷିଆର ସେଂଟ ପିଟର୍ସବର୍ଗ ଠାରେ ଆୟୋଜିତ ବିଶ୍ୱ ବାଘ ସମ୍ମିଳନୀରେ ୧୩ଟି ବାଘ ବାସ କରୁଥିବା ଦେଶ (Tiger Range Countries) ର ପ୍ରତିନିଧି ମାନେ ଏକାଠି ହୋଇ ସଂକଳ୍ପ ନେଇଥିଲେ ଯେ ୨୦୨୨ ସୁଦ୍ଧା ବିଶ୍ୱରେ କ୍ରମାଗତ ଭାବେ ହ୍ରାସ ପାଉଥିବା ବାଘସଂଖ୍ୟାକୁ ଦ୍ୱିଗୁଣିତ କରାଯିବ, ଯାହାକୁ 'Tx2' ଲକ୍ଷ୍ୟ ଭାବରେ ନାମିତ କରାଯାଇଥିଲା । ବାଘ ହେଉଛି ଜଙ୍ଗଲର ଆହାର ଶୃଙ୍ଖଳା (ଋକ୍କୃକ୍ଟୟ ଉଷବସଭ) ର ଶୀର୍ଷରେ ଥିବା ଏକ ଅଗ୍ରଣୀ ଶିକାରୀ ଜୀବ ଯାହାକି ତୃଣଭୋଜୀ ପ୍ରାଣୀ ଯଥା ହରିଣ, ସମ୍ବର, ବରାହ ଆଦିଙ୍କ ସଂଖ୍ୟାକୁ ନିୟନ୍ତ୍ରଣରେ ରଖି ଜଙ୍ଗଲର ଉଦ୍ଭିଦରାଜି ଏବଂ ପ୍ରାକୃତିକ ସମ୍ପଦକୁ ବିନାଶ ହେବାରୁ ରକ୍ଷା କରିଥାଏ । ଯଦି ଜଙ୍ଗଲରୁ ବାଘ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବେ, ତେବେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଇବ, ଯାହା ଫଳରେ ସମଗ୍ର ଜଙ୍ଗଲର ବୃକ୍ଷଲତା ଶେଷ ହୋଇଯିବ, ଜଳାଶୟଗୁଡ଼ିକ ଶୁଖିଯିବ ଏବଂ ଶେଷରେ ସମଗ୍ର ପରିବେଶ ସନ୍ତୁଳନ ବିଗିଡ଼ିଯାଇ ମାନବ ସମାଜ ପାଇଁ ମରୁଡ଼ି, ଜଳବାୟୁ ପରିବର୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର କାରଣ ସାଜିବ । ଅଠରଶହ ଶତାବ୍ଦୀର ଶେଷ ଭାଗରେ ସମଗ୍ର ବିଶ୍ୱରେ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜଙ୍ଗଲୀ ବାଘ ବିଚରଣ କରୁଥିଲେ, ମାତ୍ର ଅବିଚାରିତ ଶିକାର, ଜଙ୍ଗଲ କ୍ଷୟ, ସହରୀକରଣ ଏବଂ ମାନବୀୟ ଅପରାଧ ଯୋଗୁଁ ବିଂଶ ଶତାବ୍ଦୀର ଶେଷ ବେଳକୁ ଏହି ସଂଖ୍ୟା ମାତ୍ର କେଇ ହଜାରକୁ ଖସି ଆସିଥିଲା, ଯାହା ବୈଜ୍ଞାନିକ ଓ ପରିବେଶବିତ୍‌ମାନଙ୍କୁ ଗଭୀର ଚିନ୍ତାରେ ପକାଇଥିଲା । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବାଘକୁ କେବଳ ଏକ ବନ୍ୟଜନ୍ତୁ ନୁହେଁ, ବରଂ ଶକ୍ତିର ପ୍ରତୀକ ଓ ଦେବୀ ଦୁର୍ଗାଙ୍କ ବାହନ ଭାବେ ପୂଜା କରାଯାଏ, ଏବଂ ୧୯୭୩ ମସିହା ଏପ୍ରିଲ ୧ ତାରିଖରେ ଭାରତ ସରକାର 'ପ୍ରୋଜେକ୍ଟ ଟାଇଗର' (Project Tiger) ର ଶୁଭାରମ୍ଭ କରି ବାଘକୁ ଭାରତର ଜାତୀୟ ପଶୁ (National Animal) ଭାବେ ଘୋଷଣା କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୯ଟି ବାଘ ଅଭୟାରଣ୍ୟକୁ ନେଇ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଟାଇଗର' ଆଜି ବିଶ୍ୱର ସବୁଠାରୁ ସଫଳ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ଭାବେ ପରିଗଣିତ ହୋଇଛି ଏବଂ ବର୍ତମାନ ଭାରତରେ ୫୮ରୁ ଉର୍ଦ୍ଧ୍ୱ ବାଘ ଅଭୟାରଣ୍ୟ ରହିଛି, ଯାହା ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ ଦ୍ୱାରା ପରିଚାଳିତ ହେଉଛି । ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟି ଏବଂ ୱାଇଲ୍ଡଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ଦ୍ୱାରା ପ୍ରତି ୪ ବର୍ଷରେ ସମଗ୍ର ଭାରତବର୍ଷରେ ବାଘ ଗଣନା କରାଯାଇଥାଏ, ଯେଉଁଥିରେ କ୍ୟାମେରା ଟ୍ରାପ୍ , ପଗମାର୍କ, ଜେନେଟିକ୍ ସାମ୍ପଲିଂ ଏବଂ 'M-STrIPES' ନାମକ ଆଧୁନିକ ମୋବାଇଲ ଆପ୍ଲିକେସନ୍ ଓ ଏଆଇ ମୋଡେଲର ବ୍ୟବହାର କରାଯାଏ । ୨୦୨୨-୨୦୨୩ ଗଣନା ପ୍ରତିବେଦନ ଅନୁଯାୟୀ ଭାରତରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩,୬୮୨ରେ ପହଂଚିଛି, ଯାହା ବିଶ୍ୱର ମୋଟ ଜଙ୍ଗଲୀ ବାଘ ସଂଖ୍ୟାର ପ୍ରାୟ ୭୫ ଶତାଂଶରୁ ଅଧିକ । ଭାରତର ମଧ୍ୟପ୍ରଦେଶ ରାଜ୍ୟ ୭୮୫ଟି ବାଘ ସହିତ ଦେଶର 'ଟାଇଗର ଷ୍ଟେଟ୍' ଭାବେ ଶୀର୍ଷରେ ଥିବାବେଳେ କର୍ଣ୍ଣାଟକ, ଉତରାଖଣ୍ଡ ଓ ମହାରାଷ୍ଟ୍ରରେ ମଧ୍ୟ ବିପୁଳ ସଂଖ୍ୟାରେ ବାଘ ବାସ କରୁଛନ୍ତି । ଓଡ଼ିଶାର ବାଘ ସଂରକ୍ଷଣ ପରିସଂଖ୍ୟାନ ଓ ସ୍ଥିତିକୁ ଦେଖିଲେ, ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ସିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ହେଉଛି ଓଡ଼ିଶାର ପ୍ରମୁଖ ଓ ଗୌରବମୟ ସଂରକ୍ଷିତ ଜଙ୍ଗଲ । ସିମିଳିପାଳର ସ୍ୱତନ୍ତ୍ରତା ହେଉଛି ଏହା ବିଶ୍ୱର ଏକମାତ୍ର ପ୍ରାକୃତିକ ବାସସ୍ଥଳୀ ଯେଉଁଠାରେ ଦୁର୍ଲଭ 'କଳା ବାଘ' ବା ମେଲାନିଷ୍ଟିକ ବାଘ ) ଦେଖିବାକୁ ମିଳନ୍ତି, ଯାହାଙ୍କ ଶରୀରରେ ଜିନଗତ ପରିବର୍ତନ ହେତୁ କଳା ଗାରଗୁଡ଼ିକ ଅତ୍ୟନ୍ତ ଓସାରିଆ ଓ ଘନ ହୋଇଥାଏ । ଓଡ଼ିଶା ଜଙ୍ଗଲ ବିଭାଗ ଓ ଘଞ୍ଜଉଇ ର ମିଳିତ ଗଣନା ଅନୁଯାୟୀ ଓଡ଼ିଶାରେ ସିମିଳିପାଳ, ସାତକୋଶିଆ ଓ ନିକଟବର୍ତୀ ଅଂଚଳରେ ବାଘସଂଖ୍ୟାରେ ସୁଧାର ଆସିଛି, ବିଶେଷ କରି ସିମିଳିପାଳରେ ଜାତୀୟ ଓ ରାଜ୍ୟ ସ୍ତରୀୟ ସୁରକ୍ଷା କଡ଼ାକଡ଼ି କରାଯିବା ଫଳରେ ବାଘ ବଂଶବୃଦ୍ଧି ନିଶ୍ଚିତ ହୋଇପାରିଛି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଯାହା ଅନୁଗୁଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲା ଦେଇ ପ୍ରବାହିତ ମହାନଦୀ କୋଳରେ ବିସ୍ତୃତ, ସେଠାରେ ମଧ୍ୟ ବାଘଙ୍କ ବାସସ୍ଥଳୀ ଓ ଆହାର ସୃଷ୍ଟି ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି । ସେହିପରି ବରଗଡ଼ ଜିଲ୍ଲାର ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ରେ ମଧ୍ୟ ବାଘର କ୍ରମାଗତ ଉପସ୍ଥିତି ଓ ଚଳପ୍ରଚଳ ଓଡ଼ିଶା ପାଇଁ ଆଶାର କିରଣ ସାଜିଛି । ତେବେ ବାଘ ସଂରକ୍ଷଣ ପ୍ରକ୍ରିୟାରେ ଅନେକ ଜଟିଳ ଆହ୍ୱାନ ଓ ସଙ୍କଟ ରହିଛି, ଯାହାର ମୁଖ୍ୟ କାରଣ ହେଉଛି ବେଆଇନ ଶିକାର । ବାଘର ଚାମଡ଼ା, ହାଡ଼, ନଖ, ଦାନ୍ତ ଓ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଆନ୍ତର୍ଜାତୀୟ ଚୋରା ବଜାରରେ ଓ କଳା ବାଣିଜ୍ୟରେ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଥିବାରୁ ଚୋରା ଶିକାରୀମାନେ ବନ୍ଧୁକ, ବିଷପ୍ରୟୋଗ ଓ ଫାଶ ପକାଇ ବାଘମାନଙ୍କୁ ହତ୍ୟା କରିଥାନ୍ତି । ଅନ୍ୟପକ୍ଷରେ ଜଙ୍ଗଲ କ୍ଷୟ , ଖନନ କାର୍ଯ୍ୟ, ଶିଳ୍ପାୟନ, ରାସ୍ତା ଓ ରେଳପଥ ନିର୍ମାଣ ଯୋଗୁଁ ବାଘମାନଙ୍କର ପ୍ରାକୃତିକ ଚଳପ୍ରଚଳ ବାଟ ବା 'କୋରିଡୋର୍' ବିଚ୍ଛିନ୍ନ ହୋଇଯାଉଛି, ଯାହା ଫଳରେ ଜଙ୍ଗଲୀ ବାଘମାନେ ସଂକୁଚିତ ସୀମାରେ ଆବଦ୍ଧ ହୋଇ ରହୁଛନ୍ତି । ଏହି ବାସସ୍ଥଳୀର ବିଖଣ୍ଡନ ଯୋଗୁଁ ବାଘମାନେ ଆହାର ଓ ବାସସ୍ଥାନର ସନ୍ଧାନରେ ଜଙ୍ଗଲ ସୀମା ପାର ହୋଇ ଜନବସତି ଆଡ଼କୁ ଚାଲିଆସୁଛନ୍ତି, ଯାହା ମାନବ-ବନ୍ୟଜନ୍ତୁ ସଂଘର୍ଷ କୁ ଜନ୍ମ ଦେଉଛି । ଗାଁ ଭିତରକୁ ବାଘ ପଶି ଆସିବା ଫଳରେ ଗୃହପାଳିତ ପଶୁଙ୍କୁ ଶିକାର କରିବା, ମଣିଷଙ୍କୁ ଆକ୍ରମଣ କରିବା ଏବଂ ଏହାର ପ୍ରତିଶୋଧ ସ୍ୱରୂପ ଗ୍ରାମବାସୀମାନେ ବାଘକୁ ବିଷ ଦେଇ କିମ୍ବା ବିଦ୍ୟୁତ ତାର ବିଛାଇ ହତ୍ୟା କରିବାର ଅପ୍ରୀତିକର ଘଟଣା ସାମ୍ନାକୁ ଆସୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଓ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି । ବାଘ ଅଭୟାରଣ୍ୟଗୁଡ଼ିକର କୋର୍ ଅଂଚଳ ରୁ ମାନବ ବସତିକୁ ସ୍ୱେଚ୍ଛାକୃତ ଭାବେ ଅନ୍ୟତ୍ର ପୁନର୍ବାସିତ କରାଯାଇ ବାଘଙ୍କ ପାଇଁ ନିରୁପଦ୍ରବ ପରିବେଶ ସୃଷ୍ଟି କରାଯାଉଛି । ଏଥିସହିତ ଜଙ୍ଗଲ ଭିତରେ ତୃଣଭୋଜୀ ଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଁ ଘାସପଡ଼ିଆ ନିର୍ମାଣ ଓ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଉଛି, ଯେପରି ବାଘକୁ ଜଙ୍ଗଲ ଭିତରେ ଯଥେଷ୍ଟ ଆହାର ମିଳିପାରିବ । ବେଆଇନ ଶିକାର ରୋକିବା ପାଇଁ ସଶସ୍ତ୍ର ଆଂଟି-ପୋଚିଂ ସ୍କ୍ୱାଡ୍ , ସ୍ୱେଚ୍ଛାସେବୀ ଗ୍ରାମୀଣ ବନ୍ୟପ୍ରାଣୀ ସୁରକ୍ଷା କମିଟି, ଏବଂ ଡ୍ରୋନ୍ କ୍ୟାମେରା ଓ ସ୍ନିଫର୍ ଡଗ୍ ର ବ୍ୟବହାର କରାଯାଉଛି । ବାଘ ସଂରକ୍ଷଣ କେବଳ ସରକାରୀ ବା ସାମରିକ ବଳ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଜଙ୍ଗଲ ସୀମାନ୍ତରେ ବାସ କରୁଥିବା ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ଭାଗୀଦାରୀ ଅତ୍ୟନ୍ତ ଆବଶ୍ୟକ । 'ଇକୋ-ଟୁରିଜିମ୍' ଜରିଆରେ ସ୍ଥାନୀୟ ଲୋକଙ୍କୁ ଜୀବିକା ଯୋଗାଇ ଦିଆଗଲେ ସେମାନେ ଜଙ୍ଗଲ ଓ ବାଘକୁ ଶତ୍ରୁ ନଭାବି ନିଜର ସମ୍ପତି ଓ ରକ୍ଷାକର୍ତା ଭାବେ ବିଚାର କରିବେ । ବିଶ୍ୱ ବାଘ ଦିବସ ପାଳନର ପ୍ରକୃତ ସାରମର୍ମ ହେଉଛି ଆମର ପୃଥିବୀକୁ ସବୁଜ, ସୁନ୍ଦର ଓ ଜୈବବିବିଧତାରେ ସମୃଦ୍ଧ କରି ରଖିବା, କାରଣ ବାଘ ବଂଚିଲେ ଜଙ୍ଗଲ ବଂଚିବ, ଜଙ୍ଗଲ ବଂଚିଲେ ଜଳସମ୍ପଦ ଓ ବାୟୁମଣ୍ଡଳ ସୁରକ୍ଷିତ ରହିବ, ଏବଂ ଶେଷରେ ମାନବ ସଭ୍ୟତାର ଅସ୍ତିତ୍ୱ ନିରାପଦ ରହିବ, ତେଣୁ ଆସନ୍ତୁ ଏହି ଆନ୍ତର୍ଜାତୀୟ ବାଘ ଦିବସରେ ବାଘ ସଂରକ୍ଷଣ ଓ ସୁରକ୍ଷା ପାଇଁ ଶପଥ ନେବା ଏବଂ ବସୁଧାର ଏହି ମହାନ ବନ୍ୟପ୍ରାଣୀଙ୍କୁ ବିଲୁପ୍ତିରୁ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ।

◆ସୌଭାଗ୍ୟ ରଞ୍ଜନ ମହାନ୍ତି
ମୋ: ୯୪୩୭୯୯୪୩୭୯

# ଭାରତୀୟ ସଂସ୍କୃତିରେ ଗୁରୁ ପୂର୍ଣ୍ଣିମା ପରମ୍ପରା

◆ ଅଂଶୁମାନ ମହାରଣା

ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତ ଯେନ ଚରାଚରଂ, ତତ୍ପଦ ଦର୍ଶିତଂ ଯେନଂ ତସ୍ମୈ ଶ୍ରୀ ଗୁରବେ ନମଃ – କେଉଁ ଅନାଦି କାଳରୁ ଭାରତୀୟ ସଂସ୍କୃତିରେ ଶିଷ୍ୟ ମାନେ ଗୁରୁଙ୍କୁ ସ୍ତୁତି କରି ଏହି ମନ୍ତ୍ରଟିକୁ ଗାନ କରିଥାନ୍ତି । ଧରାଧାମରେ ଗୁରୁ ହେଉଛନ୍ତି ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ । ସେଇଥି ପାଇଁ ତ ସେ ବ୍ରହ୍ମା, ସେ ବିଷ୍ଣୁ ଏବଂ ସେ ହିଁ ଶିବ । ଯେପରି ସୂର୍ଯ୍ୟଙ୍କ ତାପକୁ ନିୟନ୍ତ୍ରଣ କରିବା ପାଇଁ ବର୍ଷାର ସୃଷ୍ଟି ସେହିପରି ଚଳଚଂଚଳ ମନକୁ ଶାନ୍ତ ଓ ନିୟନ୍ତ୍ରଣ କରିବା ପାଇଁ ହିଁ ଗୁରୁଙ୍କର ଆବିର୍ଭାବ । ନ୍ତଅଜ୍ଞାନଂ ତିମିରାନ୍ଧସ୍ୟ ଜ୍ଞାନାଂଜ୍ଞନ ଶଳାକୟାଂ, ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃନ୍ତ – ସଂସ୍କୃତର ଏହି ଶ୍ଳୋକଟି ଗୁରୁଙ୍କ ମହିମା ବର୍ଣ୍ଣନା କରିବାକୁ ଯଥେଷ୍ଟ । ଅଜ୍ଞାନ ରପକ ଅନ୍ଧକାରକୁ ଦୂର କରି ଜ୍ଞାନ ରପକ ଆଲୋକ ପ୍ରଦାନ କରୁଥିବା ଗୁରୁଙ୍କ ଚରଣ ସେବା କରିବା ଦ୍ୱାରା ଶିଷ୍ୟକୁ ଜ୍ଞାନ, ଶାନ୍ତି, ଭକ୍ତି, ସୌର୍ଯ୍ୟ, ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ ଓ ଯୋଗ ପ୍ରାପ୍ତି ହୋଇଥାଏ । ଗୁରୁଙ୍କ ସମ୍ମାନାର୍ଥେ ଭାରତୀୟ ସଂସ୍କୃତିରେ ପାଳନ କରାଯାଇଥାଏ ଗୁରୁ ପୂର୍ଣ୍ଣିମା ପରମ୍ପରା । ବେଦ, ବେଦାନ୍ତ, ଗୀତା ଓ ଉପନିଷଦର ଭାଷ୍ୟକାର ତଥା ମହାକାବ୍ୟ ଯୁଗର ମହାଭାରତ, ଅଷ୍ଟାଦଶ ପୁରାଣ, ଶ୍ରୀମଦ ଭାଗବତ, ବ୍ରହ୍ମସୂତ୍ର ପ୍ରଭୃତିର ପ୍ରଣେତା ମହର୍ଷି ବେଦବ୍ୟାସଙ୍କ ଜନ୍ମତିଥି ଆଷାଢ ପୂର୍ଣ୍ଣିମା ତିଥିକୁ ପାଳନ କରାଯାଇଥାଏ ଗୁରୁ ପୂର୍ଣ୍ଣିମା ଭାବରେ । ବେଦାନ୍ତ ଦର୍ଶନ ଏବଂ ଅଦ୍ୱୈତବାଦର ସଂସ୍ଥାପକ ମହର୍ଷି ବେଦବ୍ୟାସ ବେଦ ପରି ବୃହତ ଗ୍ରନ୍ଥକୁ ସେ ଋକବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ ଏହିପରି ଚାରୋଟି ଭାଗ (ବ୍ୟାସ) କରିଥିବା ହେତୁ ବେଦବ୍ୟାସ ନାମରେ ସେ ପରିଚିତ । ତ୍ରିକାଳଦର୍ଶୀ ବେଦବ୍ୟାସଙ୍କ ଦ୍ୱାରା ରଚିତ ମହାଭାରତ ଅଟେ ପୃଥିବୀର ସର୍ବବୃହତ ଗ୍ରନ୍ଥ । ହିମାଳୟର ସରସ୍ୱତୀ ନଦୀ କୂଳରେ ବସି ଏହାକୁ ରଚନା କରୁଥିବା ସମୟରେ ବ୍ୟାସଙ୍କ ଠାରୁ ଏହାକୁ ଲେଖିଥିଲେ ବିଦ୍ୟାଦାତା ଶ୍ରୀଗଣେଶ । ଯାହାକୁ ପଢିଲେ ଭାରତରେ ଅତୀତରେ ଘଟିଥିବା ଘଟଣା ଏବଂ ଭବିଷ୍ୟତରେ ଘଟିବାକୁ ଥିବା କିଛି ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳେ (ଯାହାର ସତ୍ୟତା ପ୍ରମାଣିତ ହୋଇ ସାରିଛି) ମହର୍ଷି ବେଦବ୍ୟାସ ହେଉଛନ୍ତି ସେ ସବୁର ସ୍ରଷ୍ଟା । ଏ ଜଗତରେ ଏପରି କୌଣସି ଜ୍ଞାନ ନାହିଁ ଯାହା ବ୍ୟାସଙ୍କ ଅଗୋଚରରେ ପ୍ରକାଶିତ ହୋଇଛି । ନିଃସନ୍ଦେହରେ କୁହାଯାଇପାରେ ଯେ ମହର୍ଷି ବେଦବ୍ୟାସକୃତ ଶାସ୍ତ୍ର ପଠନ ଶ୍ରବଣ ବିନା ଭାରତରେ ଅବା ବିଶ୍ୱରେ କୌଣସି ଆଧାତ୍ମିକ ଉପଦେଶ ବର୍ଣ୍ଣନା କରି ପାରିନାହାଁନ୍ତି । ଏହି କାରଣରୁ ତାଙ୍କୁ ହିନ୍ଦୁ ସଂସ୍କୃତିରେ ବିଶ୍ୱର ଗୁରୁ 'ବିଶ୍ୱଗୁରୁନ୍ତ ଭାବରେ ମାନ୍ୟତା ଦିଆଯାଇଛି । ଏଣୁ ମହର୍ଷି ବେଦବ୍ୟାସଙ୍କ ଜନ୍ମତିଥି ଆଷାଢ ପୂର୍ଣ୍ଣିମା ତିଥିକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ସନାତନ ଧର୍ମରେ ଗୁରୁ ପୂର୍ଣ୍ଣିମା ଦିନ ଗୁରୁ ପୂଜନ କରିବାର ପରମ୍ପରା ରହିଛି । ପ୍ରାଚୀନ କାଳରେ ଏହି ଆଷାଢ ପୂର୍ଣ୍ଣିମା ଦିନ ଗୁରୁକୁଳରେ ଶିଷ୍ୟ ମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଶିକ୍ଷା ଦେବା ନିମନ୍ତେ ଗ୍ରହଣ କରାଯାଉଥିଲା ଏବଂ ଶିକ୍ଷାରେ ଉପଯୁକ୍ତ ଦକ୍ଷତା ହାସଲ ପରେ ଗୁରୁଦକ୍ଷିଣା ପ୍ରଦାନ ପୂର୍ବକ ଏକ ସମର୍ପଣର ଭାବନା ସହିତ ଶିଷ୍ୟ ମାନେ ବିଦାୟ ନେଉଥିଲେ ଏହି ଆଷାଢ ପୂର୍ଣ୍ଣିମା ଦିନ । ପତ୍ନୀ ଯଶୋଧାରା ଓ ପୁତ୍ର ରାହୁଲଙ୍କୁ ଛାଡ଼ି ରାଜକୁମାର ସିଦ୍ଧାର୍ଥ ଏହି ଆଷାଢ ପୂର୍ଣ୍ଣିମାର ରାତିରେ ଜ୍ଞାନର ଅନ୍ୱେଷଣରେ ବାହାରି ଯାଇଥିଲେ ଏବଂ ପରେ ଗୌତମ ବୁଦ୍ଧ ଭାବରେ ସମଗ୍ର ସଂସାରରେ ପରିଚିତ ହୋଇଥିଲେ । ପୌରାଣିକ ମତ ଅନୁସାରେ ବ୍ୟାସଦେବ, ଦ୍ରୋଣ, କୃପାଚାର୍ଯ୍ୟ, ଗୌତମ, ଯାମିନୀ, କପିଳ, ମାର୍କଣ୍ଡେୟ, ପତଳି ଓ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ପ୍ରମୁଖ ଗୁରୁ ଭାବରେ ସର୍ବାଗ୍ରେ ପୂଜ୍ୟ । ଚୈତନ୍ୟ, କବୀର, ତୁଳସୀ ଦାସ, ରାମାନୁଜ, ନାନକ, ରାମଦାସ, ମାଧୋଚାର୍ଯ୍ୟ, ବାସବ, ଶଙ୍କର, ଧ୍ୟାନେଶ୍ୱର, ମଧୁସୂଦନ, ମାଧବ, ନିମ୍ବାର୍କ, ତୁକାରାମ ଆଦି ଚିରସ୍ମରଣୀୟ ଗୁରୁ ଅଟନ୍ତି । ସଦଗୁରୁ ଶିଷ୍ୟର ଚକ୍ଷୁରେ ଜ୍ଞାନ ରପକ ଅନ ଲଗାଇ ଅଜ୍ଞାନତାର ଅନ୍ଧକାର ଦୂର କରିଥାନ୍ତି । ସତଗୁରୁଙ୍କ ଆଶୀର୍ବାଦ ବିନା ସଂସାର ସାଗରରୁ ମୁକ୍ତି ମିଳିବା ସମ୍ଭବ ନୁହେଁ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ସହିତ ସମାନ ସ୍ଥାନ ଦିଆଯାଇଛି । ଭାରତର ଶାସ୍ତ୍ର, ପୁରାଣ, ଭାଗବତ, ଗୀତା ଆଦି ପବିତ୍ର ଗ୍ରନ୍ଥ ସମୂହରେ ଦିବ୍ୟଗୁରୁ ମାନଙ୍କର ଗୁଣ ଓ ଗରିମା ବ୍ୟାଖ୍ୟାନ କରାଯାଇଛି । କବୀରଙ୍କ ଦୃଷ୍ଟିରେ ଗୁରୁ ଗୋବିନ୍ଦଙ୍କ ଠାରୁ ମଧ୍ୟ ବଡ଼ । କବୀର କହୁଥିଲେ ଯଦି ମୋ ସମ୍ମୁଖରେ ଉଭୟ ଗୁରୁ ଏବଂ ଈଶ୍ୱର ଏକ ସମୟରେ ଆସି ଉପସ୍ଥିତ ହୁଅନ୍ତି ତେବେ ମୁଁ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବି କାରଣ ଗୁରୁ ହିଁ ମୋତେ ଈଶ୍ୱରଙ୍କ ପରିଚୟ ପ୍ରଦାନ କରିଛନ୍ତି । କବି ଭୀମଭୋଇଙ୍କ ମହିମା ଧର୍ମରେ ମଧ୍ୟ ଗୁରୁଙ୍କ ମହିମାକୁ ପ୍ରାଧାନ୍ୟ ଦିଆଯାଇଛି । ଅଚ୍ୟୁତାନନ୍ଦ ଦାସଙ୍କ ପାଇଁ ଗୁରୁ ଓ ଈଶ୍ୱର ଏକ । 'ଗୁ' କହିଲେ ଅନ୍ଧାର ଏବଂ 'ରୁ'ର ଅର୍ଥ ଅଜ୍ଞାନ ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି । ବାସ୍ତବରେ ଗୁରୁଙ୍କ ସାଧନା ଓ ଗୁରୁକୃପା ଲାଭ ଏକାନ୍ତ ଆବଶ୍ୟକ । ଧର୍ମ, ସଂସ୍କୃତି ଓ ଜ୍ଞାନର ବିକାଶ ସହିତ ଏ ସବୁର ସୁରକ୍ଷା ପାଇଁ ଗୁରୁ ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ଗୁରୁଙ୍କ ବନ୍ଦନା ଓ ଆରାଧନାରେ ବିଶ୍ୱାସ କରେ ଭାରତୀୟ ସଂସ୍କୃତି ସହିତ ଦେଶର ସର୍ବାଙ୍ଗୀନ ବିକାଶ କରିବାକୁ ସଂକଳ୍ପବଦ୍ଧ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ । କୌଣସି ବ୍ୟକ୍ତିବିଶେଷଙ୍କୁ ଗୁରୁ ଭାବରେ ଗ୍ରହଣ ନ କରି ଭାରତୀୟ ସଂସ୍କୃତି, ସ୍ୱାଭିମାନ, ଜ୍ଞାନ ଗାରିମା, ଇତିହାସ ଓ ଗୌରବର ପ୍ରତୀକ ଗୈରିକ ଧ୍ୱଜଙ୍କୁ ଗୁରୁ ରପରେ ସ୍ୱୀକାର କରିଛି । ଏକମାତ୍ର କାରଣ ଭାବରେ ସଂଘ ବ୍ୟକ୍ତି ପୂଜା ପରିବର୍ତେ ଆଦର୍ଶ ନିଷ୍ଠତାକୁ ହିଁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ । ଗୈରିକ ଧ୍ୱଜ ଅମର, ଅଜର, ଅମ୍ଲାନ ଓ ମାନବୀୟ ସ୍ଖଳନର ଉର୍ଦ୍ଧ୍ୱରେ । ରାଷ୍ଟ୍ର ଜୀବନ ଓ ମାନବ ଜୀବନର ଐତିହାସିକ ସାକ୍ଷୀ ସେହି ଗୈରିକ ଧ୍ୱଜ ଶାଶ୍ୱତ, ଅନନ୍ତ ଓ ଚିରନ୍ତନ । ଏହି ଅପୌରୁଷେୟ ଗୁରୁ ତ୍ୟାଗ ଓ ସମର୍ପଣର ପ୍ରତୀକ ଗୈରିକ ଧ୍ୱଜଙ୍କୁ ନିଜର ପ୍ରେରଣାର ଉତ୍ସ ଭାବରେ ଗ୍ରହଣ କରି ନିତ୍ୟ ପ୍ରଣାମ କରି ଆସୁଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ । ଜ୍ଞାନ, ବୀରତ୍ୱ ତ୍ୟାଗର ଅମ୍ଳାନ ପ୍ରତୀକ ଏହି ଗୈରିକ ଧ୍ୱଜ ମଧ୍ୟରେ ସମାହିତ କ୍ଷାତ୍ର ତେଜର ସ୍ମାରକୀ ଲୋହିତ ବର୍ଣ୍ଣ ଓ ବ୍ରହ୍ମ ତେଜର ଦ୍ୟୋତକ ପୀତ ବର୍ଣ୍ଣ । ଗୈରିକ ତ୍ୟାଗର ପ୍ରତୀକ ଏହି ଭଗବା ଧ୍ୱଜ ସମଗ୍ର ବିଶ୍ୱକୁ ଆଲୋକ ଦେଇଥିବା ସୂର୍ଯ୍ୟଙ୍କ ରଙ୍ଗ ସହିତ ତୁଳନୀୟ । ସମ୍ପୂର୍ଣ୍ଣ ଜୀବଙ୍କୁ ଶାଶ୍ୱତ ସୁଖ ପାଇଁ ସମର୍ପଣ କରିଥିବା ସାଧୁସନ୍ଥ ଏହି ଗୈରିକ ରଙ୍ଗର ବସନ ପରିଧାନ କରିଥାନ୍ତି । ବ୍ୟକ୍ତିନିଷ୍ଠ ସ୍ଥାନରେ ତତ୍ତ୍ୱନିଷ୍ଠାର ଆଦର୍ଶ ସଂସ୍କାର ଭରିଦେବାରେ ଆଜି ସଫଳ ହୋଇଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ । ସମସ୍ତ ଜାତି ଧର୍ମ ବର୍ଣ୍ଣ ତଥା ସମ୍ପ୍ରଦାୟରୁ ଉର୍ଦ୍ଧ୍ୱରେ ଗୁରୁ ପୂଜନ ନିମନ୍ତେ ଉଦ୍ଦିଷ୍ଟ ଆଷାଢ ପୂର୍ଣ୍ଣିମା ତିଥିକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ପବିତ୍ର ଦିବସ ଭାବରେ ପାଳନ କରି ଆସୁଛି । ସ୍ୱୟଂସେବକ ମାନେ ଏହି ଦିନ ଗୈରିକ ଧ୍ୱଜଙ୍କୁ ଗୁରୁ ରପେ ସମର୍ପଣର ଭାବନା ନେଇ ପୂଜନ ଓ ପ୍ରଣାମ କରିଥାନ୍ତି । ବିଶ୍ୱର ସର୍ବବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଧ୍ୟ ଶିକ୍ଷାଦାତା ଗୁରୁ ମାନଙ୍କୁ ପ୍ରାଧାନ୍ୟ ଦେଇଥାଏ । ଶିକ୍ଷକ ଅଧ୍ୟାପକ ମାନେ ହିଁ ସର୍ବଦା ଏଥିରେ ଅଧ୍ୟକ୍ଷତା କରିଥାନ୍ତି । ଭାରତବର୍ଷରେ ଅନେକ ଧାର୍ମିକ ତଥା ସାମାଜିକ ସଂସ୍ଥାନ ଗୁଡ଼ିକ ମଧ୍ୟ ଆଷାଢ ପୂର୍ଣ୍ଣିମା ଦିନଟିକୁ ଗୁରୁ ପୂର୍ଣ୍ଣିମା ଭାବରେ ପାଳନ କରିଥାନ୍ତି । ଏହିଦିନରେ ଗୁରୁଙ୍କ ଉଦ୍ଦେଶ୍ୟରେ ଯାହା କିଛି ସମର୍ପଣ କରାଯାଏ ତାହା ଗୁରୁଦକ୍ଷିଣା । ଶିଷ୍ୟ ମାନେ ଗୁରୁଙ୍କ ଠାରୁ ଜ୍ଞାନ ଲାଭ କରି ନିଜ ବ୍ୟକ୍ତିତ୍ୱର ବିକାଶ କରିବା ସହିତ ଗୁରୁଙ୍କ ପ୍ରତି ଭକ୍ତି ପ୍ରକଟ କରିଥାନ୍ତି । ଛତ୍ରପତି ଶିବାଜୀ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଗୋବିନ୍ଦ ସିଂହ, ସ୍ୱାମୀ ବିବେକାନନ୍ଦଙ୍କ ପରି ଭାରତବର୍ଷର ଏହି ମହାନ ବିଭୂତି ମାନେ ନିର୍ମାଣ ହୋଇଛନ୍ତି ଗୁରୁଙ୍କ ସତଶିକ୍ଷା, ଆଦର୍ଶ ନିଷ୍ଠତା ଏବଂ ଅପାର କରୁଣାରୁ । ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାର ରପରେଖ ବଦଳିଛି । ବୈଦିକ ଯୁଗରେ ମୁକ୍ତ ଆକାଶ ତଳେ ଶିକ୍ଷାଦାନର ବ୍ୟବସ୍ଥା ଥିଲା, ନଥିଲା ବିଶାଳ ସ୍ଥାବର ଭିତିଭୂମି । ଜ୍ଞାନ ଆହରଣ ପାଇଁ ଆଗ୍ରହୀ ମାନେ ହିଁ ସେ ସମୟରେ ପାଇଥିଲେ ଶିଷ୍ୟର ମର୍ଯ୍ୟାଦା । ପ୍ରାଚୀନ ବୈଦିନ ଯୁଗର ଶିକ୍ଷା କୌଣସି ଡ଼ିଗ୍ରୀ ହାସଲ ପାଇଁ ଉଦ୍ଦିଷ୍ଟ ନଥିଲା, ଜ୍ଞାନ ଆହରଣ ଥିଲା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା । ବର୍ତମାନର ସମୟରେ ଏକ ନିର୍ଦ୍ଦିଷ୍ଟ ବୟସ ବର୍ଗରେ ଶିକ୍ଷାଦାନ ପରିସରଭୁକ୍ତ । ଅପରିମିତ ବ୍ୟୟବହୁଳତାର ପରିସରଭୁକ୍ତ ହୋଇସାରିଛି ସମ୍ପ୍ରତି ଶିକ୍ଷା ବ୍ୟବସ୍ଥା ଏବଂ ଅନିଚ୍ଛା ସତ୍ୱେ ବିଜ୍ଞ ପାଲଟୁଛନ୍ତି ଅନାଗ୍ରହୀ । କୁପରିଣାମ ସ୍ୱରୂପ ଦାଗୀ, ଅପରାଧୀ, ଦେଶଦ୍ରୋହୀଙ୍କ ତାଲିକାରେ ସାମିଲ ହେଉଛନ୍ତି ବିଜ୍ଞଜନ ଏବଂ ଏମାନଙ୍କର ସଂଖ୍ୟା ମଧ୍ୟ ଦୃତ ଗତିରେ ବଢିବାରେ ଲାଗିଛି । ବୈଦିକ ଯୁଗର ପ୍ରଚଳିତ ଗୁରୁ ଶିଷ୍ୟ ପରମ୍ପରା ତ ଏକ ପ୍ରକାରେ ନିଶ୍ଚିହ୍ନ ହୋଇଯାଇଛି । ଏଥି ସହ କେତେକ କ୍ଷେତ୍ରରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇ ଶତୃତାରେ ରପାନ୍ତରିତ ହେବାକୁ ବସିଲାଣି । ଗୁରୁ ଗ୍ରହଣରେ ଶାନ୍ତି, ଆନନ୍ଦ ଓ ପ୍ରେମ ମିଳେ ମାତ୍ର ଅବମାନନା କଲେ ଦୁଃଖ, କଷ୍ଟ ଓ ଯାତନା ମିଳେ ଏବଂ ଗୁରୁଙ୍କୁ ଅବମାନନା କାରଣରୁ ହିଁ ଆଜି ସଂସାରରେ ଦୁଃଖ, କଷ୍ଟର ପରିମାଣ ବଢି ବଢି ଚାଲିଛି । ତେବେ ସମୟ ଆସିଛି ପ୍ରାଚୀନ ବୈଦିକ ଯୁଗର ପ୍ରଚଳିତ ଥିବା ଗୁରୁ ଶିଷ୍ୟ ପରମ୍ପରାକୁ ପୁଣିଥରେ ଫେରାଇ ଆଣିବାକୁ ପଡ଼ିବ । ଶତ ପ୍ରତିଶତ ନ ହେଲେ ବି ଯଥାସାଧ୍ୟ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ତିଆରି କରିବାକୁ ପଡ଼ିବ ଭକ୍ତ ଓ ଭଗବାନର ଯେପରି ସମ୍ପର୍କ । ସେଥିପାଇଁ ଭାରତୀୟ ସଂସ୍କୃତିରେ ପ୍ରଚଳିତ ଗୁରୁ ପୂର୍ଣ୍ଣିମା ପରମ୍ପରାକୁ ଉଜ୍ଜୀବିତ କରିବା ଆବଶ୍ୟକ ।

*ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ,ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶାଯୋଗାଯୋଗ – ୮୦୯୩୨୯୮୭୨୪*





# କ୍ଷମାଦି ଶାହା ବାବାଙ୍କ ୫୪ତମ ବାର୍ଷିକ ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ




ସୋର(ନିପ୍ର): ସୋର ଷ୍ଟେସନ ଛକ ସ୍ଥିତ ରୟାଲ ହୋଟେଲ ସଭାଗୃହ ପରିସରରେ କ୍ଷମାଦୀ ଶାହା ବାବା କମିଟି ସୋର ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ଚଳିତ ବର୍ଷ ୨୧ ସେପ୍ଟେମ୍ବରରୁ ୨୫ ସେପଟ୍ଟେମ୍ବର ପର୍ଯ୍ୟନ୍ତ ୫ ଦିନ ଧରି ପବିତ୍ର ଉର୍ସ ମୁବାରକ ଆୟୋଜିତ ହେବ । ପାଂଚ ଦିନ ଧରି ଚାଲିବାକୁ ଥିବା ଏହି ବାର୍ଷିକ ଉତ୍ସବରେ ଫାତେହା, ମିଲାଦ ପୀର ସ୍ଥାନରେ ଗୁସଲ ଏବଂ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସର୍ଦ୍ଦାର ତଥା ଆଇନଜୀବୀ ଜୁଲଫୁକାର ଅଲ୍ଲୀ ପ୍ରକାଶ କରିଥିଲେ । ଶେଷ ଦିନ ସେପ୍ଟେମ୍ବର ୨୫ରେ ଏକ ଭବ୍ୟ ଧାର୍ମିକ ପ୍ରବଚନ ସହ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯେଉଁ ଥିରେ ବାହାର ରାଜ୍ୟର ଯେପରିକି ପଶ୍ଚିମବଙ୍ଗ , ଝାଡଖଣ୍ଡ, ବିହାର, ଉତର ପ୍ରଦେଶ, ରାଜସ୍ଥାନରୁ ମହାନ କବିଗଣ, ଏବଂ ପ୍ରବଚକ ମାନେ ଉପସ୍ଥିତ ରହିବା ସହିତ ରାଜ୍ୟରୁ ବହୁ ପ୍ରବଚକ ତଥା କବି ଉପସ୍ଥିତ ରହିବେ । ଉତ୍ସବର ପଂଚମ ଦିନ ରାଜ୍ୟରୁ ପାଖାପାଖି ୫୦୦୦ରୁ ଊର୍ଦ୍ଧ ଶ୍ରଦ୍ଧାଳୁମାନେ ଯୋଗଦେବେ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ଏହି ବାର୍ଷିକ ଉତ୍ସବ ସୋର ପଠାଣ ମହଲା ସ୍ଥିତ ମୋଦୀ ନଗର ପଡ଼ିଆରେ ଅନୁଷ୍ଠିତ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ରିଜୱାନ କାଦିର, ସର୍ଦ୍ଦାର ସେକ୍ ଜୁଲଫୁକାର ଅଲ୍ଲି, ଶେଖ୍ ଅବଦୁଲ ହଲିମ୍ ଶେଖ କମାଲୁ ଉଦ୍ଦିନ, ଶେଖ ଅସଲାମ, ଶେଖ ଗୁଲାମ ରଜଭ୍ ଅଲ୍ଲି, ମିର୍ଜା ଗୋଲୁ ବେଗ୍, ରିଙ୍କୁ ଖାନ୍ , ଆବେଦ ଖାନ, ଶେଖ ରେହେମାନ, କାଦର ଖାନ୍, ଆନିଷ ଖାନ, ଫେଜ ରେହେମାନି ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ମୀର ନିୟାମତ ଉଲ୍ଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚତୁର୍ଦ୍ଧା ମୂର୍ତିଙ୍କ ନିଳାଦ୍ରୀ ବିଜେ ନିଆରା ଢଙ୍ଗରେ ପାଳିତ

କଟକ(ନିପ୍ର): ଶଙ୍ଖକ୍ଷେତ୍ର ପୁରୀ ଠାରେ ଯେପରି ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରା ତିନିଟି ରଥରେ ମାଉସୀମା ଘରକୁ ଯାଇ ପୁଣି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତନ କରନ୍ତି । ସେହିପରି କଟକ ନୟାବଜାର ଅନ୍ତର୍ଗତ ମହିମା ନଗର ସ୍ଥିତ ଶ୍ରୀ ସାରଳା ଠାରେ ଏହି ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତିନି ରଥରେ ତିନି ଦିଅଁ ମାଉସୀ ଘରକୁ ଯାଇ ଦୀର୍ଘ ଦିନ ଧରି ଭକ୍ତ ମାନଙ୍କ ଗହଣରେ ରହି ସିଧା ସଳଖ ଭାବ ଭକ୍ତିର ଆଦାନ ପ୍ରଦାନ କରି ଫେରି ଆସୁଛନ୍ତି ଶ୍ରୀମନ୍ଦିରକୁ । ଏହି କାର୍ଯ୍ୟକ୍ରମର ପୁରୋଧା ତଥା ଆୟୋଜକ ଡକ୍ଟର ପ୍ରଭୁ ଚରଣ ମହାନ୍ତିଙ୍କ ପିତା ସ୍ୱର୍ଗତଃ ଡମ୍ବରୁ ଧର ମହାନ୍ତି ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଦୀର୍ଘ ୪୬ବର୍ଷ ହେବ ମହା ଆଡମ୍ବରରେ ପାଳିତ ହୋଇ ଆସୁଛି । ଭଜନ କୀର୍ତନ ଓ ପ୍ରବଚନ ତଥା ଭକ୍ତିମୟ ପରିବେଶରେ ଧୁମ୍ ଧାମରେ ଚଳିତ ବର୍ଷ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି ଅବସରରେ ପ୍ରବଚକ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଶଶିଭୂଷଣ ନାୟକ, ସମାଜ ଖବର କାଗଜର ପ୍ରିଂଟର ଏବଂ ପବ୍ଲିସର ରବୀନ୍ଦ୍ର କୁମାର ଜେନା, ଶୁଭେନ୍ଦୁ ସ୍ୱାଇଁ, ବିଶିଷ୍ଟ ରାଜନେତା ନୟନ କିଶୋର ମହାନ୍ତି, ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ନିଗ୍ଧା ମହାନ୍ତି, ସମ୍ୟକ୍ ମହାନ୍ତି, ସମର୍ଥ ନାହାନ୍ତି, ଆୟାଶା ମହାନ୍ତି, ସୁଶୀଲ ସ୍ୱାଇଁ ଏବଂ ଅନେକ ଭକ୍ତ ଓ ସଙ୍ଗୀତକାର ତଥା କଳାକାର ମାନେ ଉପସ୍ଥିତ ହୋଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସାନିଧ ତଥା ବିଭୁକୃପା ଲାଭ କରିଥିଲେ ।

# ବନ୍ୟାର ବିଭୀଷିକାରେ ଚାଷୀର ସ୍ୱପ୍ନ ଭାସିଗଲା



ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ସୁଦର୍ଶନପୁର ଓ ବରଣ୍ଡୁଆ ଗ୍ରାମ ପଂଚାୟତ ସମେତ ଆଖପାଖ ଅଂଚଳରେ ଲଗାଣ ବର୍ଷା ଓ ବନ୍ୟା ପାଣି ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇପଡ଼ିଛି । ଗ୍ରାମଗୁଡ଼ିକର ଯାତାୟାତ ରାସ୍ତା ଜଳମଗ୍ନ ହୋଇଥିବାରୁ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବନ୍ୟାର ସବୁଠାରୁ ବଡ଼ ପ୍ରଭାବ ପଡ଼ିଛି ଚାଷୀ ଭାଇମାନଙ୍କ ଉପରେ । ଅନେକ ସ୍ଥାନରେ ଧାନ ତଳି ଶତପ୍ରତିଶତ ନଷ୍ଟ ହୋଇଯାଇଛି । ଏହା କେବଳ ଫସଲର କ୍ଷତି ନୁହେଁ ବରଂ ଚାଷୀଙ୍କର ମାସ ମାସର ପରିଶ୍ରମ, ଆଶା ଓ ଜୀବିକା ଉପରେ ଏକ ଭୟଙ୍କର ଆଘାତ । ବର୍ତମାନ ସବୁଠାରୁ ବଡ଼ ସମସ୍ୟା ହେଉଛି ଉନ୍ନତମାନର ଧାନ ବିହନର ଅଭାବ । ବିହନ ମିଳିଲେ ମଧ ପୁଣି ତଳି ପ୍ରସ୍ତୁତ କରିବା, ଚାରା ବଢ଼ାଇବା ଓ ସଠିକ୍ ସମୟରେ ରୁଆ କାମ ସମ୍ପନ୍ନ କରିବା ଅତ୍ୟନ୍ତ କଷ୍ଟସାଧ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇ ଚାଷୀମାନେ ଆର୍ଥିକ ଓ ମାନସିକ ଭାବେ ଭାଙ୍ଗି ପଡୁଛନ୍ତି । ଚାଷୀ ମାନଙ୍କର ସରକାରଙ୍କ ନିକଟରେ ଅଭିଯୋଗ ଯେ ସଠିକ୍ ତଦନ୍ତ କରି ଚାଷୀମାନଙ୍କୁ ଉପଯୁକ୍ତ କ୍ଷୟକ୍ଷତି ଯଥାଶୀଘ୍ର ପ୍ରଦାନ କରିବାକୁ ଚାଷୀଭାଇ ମାନେ ପ୍ରଶାସନଙ୍କୁ ନିବେଦନ କରିଛନ୍ତି । ଅବିଳମ୍ବେ କ୍ଷତିଗ୍ରସ୍ତ ଅଂଚଳର ସଠିକ୍ ସର୍ଭେ କରାଯାଇ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ । ସେହିପରି ଜରୁରୀ ଭିତିରେ ଉନ୍ନତମାନର ଧାନ ବିହନ ଯୋଗାଇ ଦିଆଯିବା ସହ ଆର୍ଥିକ ସହାୟତା ଯୋଗାଇ ଚାଷୀମାନଙ୍କୁ ପୁନର୍ବାର ଚାଷ କରିବାର ସୁଯୋଗ ସୃଷ୍ଟି କରାଯାଉ । ଚାଷୀ ହେଉଛନ୍ତି ଦେଶର ଅନ୍ନଦାତା । ସେମାନଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କ ଦୁଃଖ ସମୟରେ ସାଥି ହେବା ସରକାର ଓ ସମାଜର ନୈତିକ ଦାୟିତ୍ୱ । 'ଚାଷୀ ବଂଚିଲେ କୃଷି ବଂଚିବ, କୃଷି ବଂଚିଲେ ଦେଶ ବଂଚିବ ।

# ଶିକ୍ଷାବିତ୍ ଶରତ ଷଡ଼ଙ୍ଗୀଙ୍କୁ ମିଳିଲା ଗୌରାଙ୍ଗ ପ୍ରଧାନ ସ୍ମୃତି ସମ୍ମାନ



ନୟାଗଡ଼(ନିପ୍ର): ଓଡ଼ଗାଁ ବ୍ଲକ ଶରଣକୁଳ ନିକଟବର୍ତୀ ଅସୁରଢିପା ଗ୍ରାମ ରେ ଜନ୍ମ ଗ୍ରହଣ କରିଥିବା ରାଜ୍ୟରେ ଜଣାଶୁଣା ସାରସ୍ୱତ ସାଧକ, ବିଶିଷ୍ଟ କବି, ସାହିତ୍ୟିକ, ସ୍ତମ୍ଭକାର, ସାମ୍ବାଦିକ, ଜନପ୍ରିୟ ରାଜନେତା ତଥା ସମାଜସେବୀ ସ୍ୱର୍ଗତ ଗୌରାଙ୍ଗ ପ୍ରଧାନ (କନ୍ଦର୍ପ)ଙ୍କର ଏକାଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ଶ୍ରଦ୍ଧାଞ୍ଜଳି ସଭା ବାଉଁଶିଆ ଠାରେ ଅବସ୍ଥିତ 'ଆଶ୍ରୟ ସେବା ଗ୍ରାମ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଶ୍ରୟର ନିର୍ଦ୍ଦେଶକ ତଥା ସମାଜସେବୀ ଲୋକନାଥ ଦାଶଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହେବା ସହିତ କବିତା ଆସର, ସାହିତ୍ୟ ସମ୍ମିଳନୀ ଓ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ସାହିତ୍ୟିକ କଳିଙ୍ଗରନ୍ ବ୍ରହ୍ମା ନନ୍ଦ ମହାନ୍ତି, କବି ସୁକୁମାର ସାମଲ, ଅଧାପକ ଡ ଆଶୁତୋଷ ମିଶ୍ର, ଅଧାପିକା ପ୍ରିୟମ୍ବଦା ଦାଶ, ବିଶିଷ୍ଟ ଶିକ୍ଷାବିତ୍ ବସିରନ୍ ବିବି, କବି ଜୟଦେବ ସିଂ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିଶୁ କବି ପାଣ୍ଡବ ନାୟକ ଓ କବୟିତ୍ରୀ ସସ୍ମିତା ଜେନା ପ୍ରମୁଖ ଯୋଗଦାନ କରି ଗୌରାଙ୍ଗ ପ୍ରଧାନ (କନ୍ଦର୍ପ)ଙ୍କ ସ୍ମୃତି ଚାରଣ କରିଥିଲେ । କବି ବଂଶୀଧର ମହାପାତ୍ର ଓ ଯୋଗଗୁରୁ ବୈକୁଣ୍ଠନାଥ ପ୍ରଧାନଙ୍କ ଉତ୍କୃଷ୍ଟ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, କବି ଓ ସାରସ୍ୱତ ସାଧକ ଶରତ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସମ୍ମାନିତ ଅତିଥି ମାନଙ୍କ ଗହଣରେ ଚଳିତ ୧୧ ତମ 'ସ୍ମୃତି ସମ୍ମାନ' ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା କବି, ସାହିତ୍ୟିକ, ସମାଲୋଚକ, ସଂଗଠକ ସମୀକ୍ଷକ, ସାମ୍ବାଦିକ ଓ ସମାଜସେବୀ ଯୋଗଦାନ କରିଥିଲେ । ପରିଶେଷରେ ପରିଷଦର ସମ୍ପାଦକ ତଥା ଗୌରାଙ୍ଗ ପ୍ରଧାନଙ୍କ ସୁଯୋଗ୍ୟ ସନ୍ତାନ ଆଇନଜୀବୀ ଚିତରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ପରିଷଦର ସଭ୍ୟ ରାମକୃଷ୍ଣ ମହାରଣା, ପ୍ରଫୁଲ୍ଲ ନାହାକ, ଅନିଲ କୁମାର ପ୍ରଧାନ, ଭାଗିରଥି ସାହୁ ଓ ଗଦାଧର ସାହୁଙ୍କ ସମେତ ପରିଷଦର ସମସ୍ତ ସଭ୍ୟ ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡିଛି ।

# ବ୍ରହ୍ମମନ୍ଦିରର ୧୦୧ତମ ବାର୍ଷିକ ଉତ୍ସବ ପାଳିତ



ବାରିପଦା(ନିପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡ ସ୍ଥିତ ବ୍ରାହ୍ମମନ୍ଦିରର ୧୦୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିନ ମନ୍ଦିର ପରିସରରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସେଭ ଏଲିଫେଂଟ ଫାଉଣ୍ଡେସନର ସଭାପତି ଡ଼. ଦେବବ୍ରତ ସ୍ୱାଇଁ, ଗୋଲା ସମାଜର ସଭାପତି ଡ. ହରିହର ଦାସ, ରୋଟାରୀ କ୍ଲବ ବାରିପଦାର ସଭାପତି ତିମିର କୁମାର ଘୋଷ, ଫଳ ଚାରା ରୋପଣ କରିଥିଲେ. ଅନ୍ୟ ମାନଙ୍କ ମଧରେ ଡ଼. ବନଜା ମହାନ୍ତି, ମୌସୁମୀ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଉତ୍ସବର ଉଦବୋଧନ ଅନୁଷ୍ଠାନରେ ଚନ୍ଦନ ବାନାର୍ଜୀ ଆଚାର୍ଯ୍ୟର କାର୍ଯ୍ୟ ସମ୍ପନ୍ନ କରିଥିଲେ । ଦ୍ୱିତୀୟ ଦିନ ବାଲେଶ୍ୱର ବ୍ରହ୍ମମନ୍ଦିରର ଆଚାର୍ଯ୍ୟ ବିଶ୍ୱରଂଜନ ପଣ୍ଡାଙ୍କର ସାରତାତ୍ୱିକ ପ୍ରାର୍ଥନା ସମସ୍ତଙ୍କୁ ବିମୋହିତ କରିଥିଲା । ବାରିପଦା ଓ ବାଲେଶ୍ୱର ବ୍ରହ୍ମମଣ୍ଡଳୀ ସଂଗୀତ ପରିବେଷଣ କରିଥିଲେ । ଆଲୋଚନାଚକ୍ରରେ ରୋଟାରୀ କ୍ଲବର ସମ୍ପାଦକ ତଥା ଶିକ୍ଷାବିତ ସନ୍ଦୀପ କୁମାର ଚାନ୍ଦ ସ୍ୱାମୀ ବିବେକାନନ୍ଦ ଓ ବ୍ରହ୍ମସମାଜର ଆଦର୍ଶ ଏବଂ ପୂର୍ବତନ ସୂଚନା ସଚିବ ଶଶୀପ୍ରଭା ବିନ୍ଧାଣି ମହିଳା ସଶକ୍ତକରଣ ଉପରେ ଆଲୋକପାତ କରିଥିଲେ । ବାରିପଦା ବ୍ରହ୍ମମନ୍ଦିରର ସଭାପତି ରଞ୍ଜନ ବାନାର୍ଜୀ ଓ ସମ୍ପାଦକ ସୁନନ୍ଦନ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ଗ୍ରୀଲ ଭାଙ୍ଗି ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ଚୋରି

ସୋର(ନିପ୍ର): ଅନନ୍ତପୁର ଥାନା ଖେରଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଗ୍ରୀଲ ଭାଙ୍ଗି ତିନିଜଣ ଦୁର୍ବୃତ୍ତ ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଲୁଟିଥିବା ଜଣାପଡିଛି । ସୂଚନା ଅନୁସାରେ ଏହି ଗ୍ରାମର ରଘୁନାଥ କେସିଙ୍କ ପୁଅ ବିଦେଶରେ ରହୁଥିବା ବେଳେ ରଘୁନାଥ ତାଙ୍କ ସ୍ତ୍ରୀ ବହୁ ଓ ଦୁଇ ନତିନାତୁଣୀଙ୍କୁ ନେଇ ରୁହନ୍ତି । ଗତକାଲି ରାତିରେ ତିନିଜଣ ଦୁର୍ବୃତ ତାଙ୍କ ଘର ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଦୁଇ ଛୋଟ ପିଲାଙ୍କ ବେକରେ ଭୁଜାଲି ରଖି ଭୟଭିତ କରାଇଥିଲେ । ପରେ ତାଙ୍କ ବହୁ ଗଡ଼ରେଜର ଚାବି ଦେବାରୁ ଗଡ଼ରେଜର ଥିବା ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ୩୦ ହଜାର ଟଙ୍କା ଲୁଟିନେଇଥିଲେ ।

# ପାନୀୟ ଜଳ ସଙ୍କଟ, ପ୍ରକଳ୍ପ ଥାଇ ବି ଲୋକେ ହନ୍ତସନ୍ତ



ବେତନଟୀ(ନିପ୍ର): ବେତନଟୀ ବ୍ଲକର ହେଡ କ୍ୱାଟର ବେତନଟୀ ଗ୍ରାମ ପଂଚାୟତ, ଯାହା ନୂଆ କରି ଏନଏସି ମାନ୍ୟତା ପାଇଛି । ତାର ଚାରୋଟି ଗାଁର ବାସିନ୍ଦାମାନେ ନାହିଁ ନଥିବା ପାନୀୟ ଜଳ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ପକ୍ଷରୁ ଶୁଖିଲାହାର୍ ସାମିଲ ମହୁଲିଆର ଶୁଖିଲାହାର୍ ସ୍କୁଲ ନିକଟସ୍ଥ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଶୁଖିଲାହାର, ବେତନଟୀ, ରେଣୁଗାଁ ଏବଂ ପଣ୍ଡୁଗଡ଼ିଆ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲେ ହେଁ, ଏହା ବର୍ତମାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ମାସକ ମଧ୍ୟରୁ ମାତ୍ର ୪ ରୁ ୫ ଦିନ ପାଣି ଆସୁଥିବା ବେଳେ ବାକି ଦିନଗୁଡ଼ିକରେ ଜଳଯୋଗାଣ ବନ୍ଦ ରହୁଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ସ୍କୁଲ ନଳକୂପ ଭରସାରେ ଏହି ଚାରି ଗାଁ ଏହି ପ୍ରକଳ୍ପରୁ ନିୟମିତ ପାଣି ମିଳୁନଥିବାରୁ ଗ୍ରାମବାସୀ ମାନେ ଶୁଖିଲାହାର୍ ସ୍କୁଲ ନିକଟରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି । ତେବେ ଉକ୍ତ ନଳକୂପଟି ସ୍କୁଲ ପରିସର ମଧ୍ୟରେ ଥିବାରୁ ଏହା କେବଳ ସ୍କୁଲ ଖୋଲା ରହିବା ସମୟରେ ହିଁ ବ୍ୟବହାର କରାଯାଇପାରୁଛି । ସ୍କୁଲ ଛୁଟି ହେବା ପରେ ଗେଟ୍‌ରେ ତାଲା ପଡ଼ିଯାଉଥିବାରୁ ଲୋକଙ୍କୁ ପାନୀୟ ଜଳ ସଂଗ୍ରହ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଘଟଣାର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଜଳପ୍ରକଳ୍ପଟି ଏକ ଘଂଚ ଅରଣ୍ୟମୟ ଓ ନିର୍ଜନ ସ୍ଥାନରେ ରହିଛି । ଏହା ସହିତ ପ୍ରକଳ୍ପ ଗୃହଟି ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ରହିଛି । ଯେଁଉ ଠାରେ ବିଭିନ୍ନ ବିଷଧର ସରୀସୃପ ରହୁଛନ୍ତି ତା ସହିତ ଟିକେ ବର୍ଷା ହେଲେ ବର୍ଷା ପାଣି ଛାତରୁ ଝରି ସ୍ୱିଚ୍ ବୋର୍ଡ ପେନାଲ ଉପରେ ପଡ଼ି ଓଦା ହୋଇଯାଏ ଯାହା ଦ୍ୱାରା ସକ୍ ଲାଗେ । ଏଥି ଯୋଗୁଁ ସେଠାରେ ନିୟୋଜିତ ମେସିନ୍ ଓପରେଟର ନିର୍ଜନ ପରିବେଶରେ ଏକା ଏକା ଯାଇ ମେସିନ୍ ଚାଲୁ କରିବାକୁ ଭୟ ପ୍ରକାଶ କରୁଛନ୍ତି । ଫଳରେ ପ୍ରକଳ୍ପ ଥାଇ ମଧ ସ୍ଥାନୀୟ ଲୋକଙ୍କୁ ଏହାର ସୁଫଳ ମିଳିପାରୁନାହିଁ । ତାସହିତ ପ୍ରଶାସନିକ ନୀରବତା ଓ ପ୍ରତିକ୍ରିୟାହୀନ ଅଧିକାରୀମାନେ ହିଁ ଏଥି ପାଇଁ ଦାୟୀ ବୋଲି ସ୍ଥାନୀୟ ବାସିନ୍ଦା ମାନେ କହିଛନ୍ତି । ଏହି ଜଟିଳ ସମସ୍ୟା ନେଇ ଗ୍ରାମବାସୀମାନେ ଦୀର୍ଘ ଦିନରୁ ସ୍ଥାନୀୟ କର୍ତୃପକ୍ଷଙ୍କଠାରୁ ଆରମ୍ଭ କରି ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ କୌଣସି ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହି ବିଷୟରେ ସ୍ଥାନୀୟ ଯନ୍ତ୍ରୀ ଇଂ ଯଦୁନାଥ ହାଁସଦାଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ଅଫିସରେ ଉପସ୍ଥିତ ନଥିଲେ କିମ୍ବା ଫୋନ୍ ଯୋଗେ ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନଥିଲେ । ବିଭାଗୀୟ ଅଧିକାରୀଙ୍କ ଏପରି ଆଚରଣ ଗ୍ରାମବାସୀଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି । ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ ନହେବା ସ୍ଥାନୀୟ ଅଂଚଳରେ ଏକ ବଡ଼ ଜନ ଆନ୍ଦୋଳନର ରୂପ ନେବାର ଆଶଙ୍କା ସୃଷ୍ଟି କରିଛି । ସ୍ଥାନୀୟ ପ୍ରଶାସନ ଓ ନିର୍ବାହୀ ଯନ୍ତ୍ରୀ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଜଳ ପ୍ରକଳ୍ପର ପୁନରୁଦ୍ଧାର କରିବା ସହ ନିୟମିତ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହେଉଛି ।

# ଲଗାଣ ବର୍ଷାରେ ବିଶାଳ ଗଛ ଉପୁଡ଼ି ରାସ୍ତା ବନ୍ଦ



ସିମୁଳିଆ(ନିପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବିଶାଳ ଅଶ୍ୱସ୍ତ ଗଛ ଉପୁଡି ପଡି ଗ୍ରାମବାସୀଙ୍କ ଯିବା ଆସିବା ବନ୍ଦ ହୋଇଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ଅନ୍ତର୍ଗତ ଜାମ୍ବୁଝାଡ଼ି ପଂଚାୟତର ଜାମ୍ବୁଝାଡ଼ି ବଜାର ସାହି ୯ନଂ ୱାର୍ଡରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ଏକ ବିଶାଳ ଅଶ୍ୱସ୍ତ ଗଛ ଲଗାଣ ବର୍ଷା ଯୋଗୁଁ ଚେର ସହ ଉପୁଡି ଗ୍ରାମବାସୀଙ୍କ ଯିବା ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି । ଖବର ପାଇ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସୋର ଅଗ୍ନିଶମ ବାହିନୀ ସହାୟତାରେ ଗଛ କଟା କାର୍ଯ୍ୟ ଚାଲିଛି ।

# ଜିଲ୍ଲାସ୍ତରୀୟ ହେପାଟାଇଟିସ ଦିବସ-୨୦୨୬ ପାଳିତ



ବାରିପଦା(ନିପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଥିବା ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱନାଥ ଦାସଙ୍କ ଅଧକ୍ଷତା ରେ ହେପାଟାଇଟିସ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନିଲ କୁମାର ମହାନ୍ତି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ଡାକ୍ତର ବିଭୁଦତ ଦାସ, ଏପିଡେମିଲଜିଷ୍ଟ, ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧକ୍ଷା ଭାରତୀ ଆରୁଖ ଏବଂ ପ୍ରଶିକ୍ଷିକା ତଥା ସମସ୍ତ ତାଲିମ କେନ୍ଦ୍ରର ଛାତ୍ରୀ ଏବଂ ଆଇସି ଟି ସି କେନ୍ଦ୍ରର ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଡାକ୍ତର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଏବର୍ଷର ବାର୍ତା 'ହେପାଟାଇଟିସ ରୁ ସୁରକ୍ଷିତ ରହିବା ନିମନ୍ତେ ସମସ୍ତ ଭେଦଭାବ ଓ ପ୍ରତିବନ୍ଧକକୁ ଦୁର କରିବା 'ଉପରେ ବୁଝାଇଥିଲେ । ହେପାଟାଇଟିସ ରୋଗ ହେଲେ ରୋଗୀର ଯକୃତ କିପରି କାର୍ଯ୍ୟ ନକରି ଅଚଳ ହୋଇଯାଏ ଏବଂ ରୋଗୀ ମୃତ୍ୟୁ ମୁଖରେ ପଡେ ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ହେପାଟାଇଟିସ ରୋଗର ଭୟବାହାତା ସମ୍ପର୍କରେ ଆଲୋକପାତ କରିବା ସହ ମାରାତ୍ମକ ରୋଗରୁ ରକ୍ଷା ପାଇବାପାଇଁ ସମସ୍ତ ସତର୍କତା ଅବଲମ୍ବନ କାରିବାପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ମୁଖ୍ୟ ବକ୍ତା ଡା. ସୋମ୍ୟରଞ୍ଜନ ନାୟକ କହିଥିଲେ ଯେ ହେପାଟାଇଟିସ ବି, ସି ଏବଂ ଡି ରକ୍ତ ଓ ରକ୍ତ ଜାତ ଉପାଦାନ ଏବଂ ବ୍ୟବହୃତ ହେଉଥିବା ସାମଗ୍ରୀ ଦ୍ୱାରା ବ୍ୟାପି ଥାଏ ଓ ହେପାଟାଇଟିସ ଏ ଓ ଇ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପି ଥାଏ । ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାଗଣା ପରୀକ୍ଷା ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ । ସମସ୍ତ ଗର୍ଭବତୀ ମହିଳା ମାନଙ୍କ ର ପରୀକ୍ଷା କରି ଚିକିତ୍ସା କରିବା ନିତ୍ୟାନ୍ତ ଜରୁରୀ ଅଟେ ଯଦ୍ଵାରା ଏହା ଚିରକାଳୀନ ରୋଗ ରେ ପରିଣତ ନହୁଏ ସେଥି ପ୍ରତି ସତର୍କ ହେବା । ଶିଶୁ ଜନ୍ମ ହେବାର ୨୪ ଘଂଟା ମଧ୍ୟରେ ହେପାଟାଇଟିସ ବି ଟୀକା କରଣ କରାଇବା ଜରୁରୀ ବୋଲି କହିଥିଲେ । ଏହାକୁ ପ୍ରତିହତ କରିବା ପାଇଁ ବ୍ୟାପକ ଜନ ସଚେତନ ଆବଶ୍ୟକ ରହିଛି ଏବଂ ସମୟଚିତ ପଦକ୍ଷେପ ନେବା ନିମନ୍ତେ କିଛି ଉପଦେଶାତ୍ମକ ଡାକ୍ତରୀ ପରାମର୍ଶ ଦେଇଥିଲେ । ଜିଲ୍ଲା ଏପିଡେମିଓଲୋଜିଷ୍ଟ ଡା. ବିଭୁଦତ ଦାସ ମୟୂରଭଞ୍ଜ ଜିଲ୍ଲା ର ହେପାଟାଟିସ ରୋଗର ସବିଶେଷ ତଥ୍ୟ ପ୍ରଦାନ କରିବା ସହ କିଭଳି ବିଭିନ୍ନ କାର୍ଯକ୍ରମ ଚାଲୁଅଛି ସେ ବିଷୟରେ କହିଥିଲେ । ଏହି ଅବସରରେ ୨୫ ଜଣଙ୍କର ହେପାଟାଇଟିସ ପରୀକ୍ଷା କରାଯାଇଥିଲା । ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

ବେତନଟୀ(ନିପ୍ର): ବୃଦ୍ଧି ପାଉଥିବା ଜଳବାୟୁ ପରିବର୍ତନ, ଅସହ୍ୟ ଗ୍ରୀଷ୍ମପ୍ରବାହ, କ୍ରମାଗତ ବନାଂଚଳ ହ୍ରାସ ଏବଂ ସଙ୍ଗୀନ ପରିବେଶ ପ୍ରଦୂଷଣ ଭଳି ପ୍ରମୁଖ ଆହ୍ୱାନ ମଧ୍ୟରେ ଆଜି ପାଳିତ ହୋଇଯାଇଛି 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ'। ଏହି ଅବସରରେ ସାଧାରଣ ଲୋକଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟର ଅଗ୍ରଣୀ ସମ୍ବାଦପତ୍ର 'ସକାଳ' ପକ୍ଷରୁ ଏକ ବ୍ୟାପକ ସବୁଜ ଅଭିଯାନ ଆରମ୍ଭ କରାଯାଇଛି । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ସ୍ଥିତ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ସ୍ୱସ୍ତିକ ପେଟ୍ରୋଲ ପମ୍ପ ପରିସରରେ ଏକ ସ୍ୱତନ୍ତ୍ର ଚାରା ବଂଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ଅଧୀନରେ ପେଟ୍ରୋଲ ଓ ଡିଜେଲ ନେବା ପାଇଁ ପେଟ୍ରୋଲ ପମ୍ପକୁ ଆସୁଥିବା ଶତାଧିକ ଗ୍ରାହକ ଏବଂ ସ୍ଥାନୀୟ ଲୋକଙ୍କୁ ମାଗଣାରେ ବିଭିନ୍ନ କଲମି ଓ ହାଇବ୍ରିଡ୍ ଫଳ ଚାରା ବଂଟନ କରାଯାଇଛି । ସେଥି ମଧ୍ୟରେ ଆମ୍ବ, ପିଜୁଳି, ପପେୟା, ଲେମ୍ବୁ, କମଳା, ଗଙ୍ଗଶିଉଳି, କାଂଚନ, ଅଁଳା, ପିସ୍ତା ବାଦାମ ଓ ସଜନା ଆଦି ୪୦୦ରୁ ଉର୍ଦ୍ଧ୍ୱ ଉଚ୍ଚଗୁଣବତା ସମ୍ପନ୍ନ ଚାରା ସାମିଲ ଥିଲା । କାର୍ଯ୍ୟକ୍ରମରେ ବାରିପଦା ଆଂଚଳିକ ପରିବହନ ଅଧିକାରୀ (ଆରଟିଓ) ପ୍ରଶାନ୍ତ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଭୂମିପୁତ୍ର ବିବେକାନନ୍ଦ ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ମିଳିତ ଭାବେ ଉଦ୍ଘାଟନ କରିଥିଲେ । ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ, 'କେବଳ ବୃକ୍ଷରୋପଣ କଲେ ପରିବେଶ ସୁରକ୍ଷା ହୋଇପାରିବ ନାହିଁ; ବରଂ ଗଛଟିଏ ଲଗାଇବା ପରେ ତାହାକୁ ନିଜ ସନ୍ତାନ ଭଳି ଲାଳନପାଳନ କରି ବଡ଼ କରିବା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଲେଖାଏଁ ଚାରା ରୋପଣ କରି ତାହାକୁ ବୃକ୍ଷରେ ପରିଣତ କଲେ ଗଛ ସଂରକ୍ଷଣର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରିବ । 'ଅନ୍ୟ ମାନଙ୍କ ମଧ୍ୟରେ ବେତନଟୀ ବନାଂଚଳ ଅଧିକାରୀ ଧୁର୍ବେନ୍ଦ୍ର ନାଥ ନାଏକ ଏବଂ ସ୍ୱସ୍ତିକ ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀ ସିଦ୍ଧାର୍ଥ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ସକାଳ'ର ଏହି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ଗ୍ରାହକ ମାନଙ୍କୁ ଚାରା ବଂଟନ କରିଥିଲେ । ଏହାସହ ବେତନଟୀ ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରବିନ୍ଦ୍ର ନାଥ ମିଶ୍ର, ଡ. ରମାକାନ୍ତ ମହାନ୍ତ, ବାସୁଦେବ ନାପିତ, ଗୁରୁଚରଣ ଭୂୟାଁ, ଗିରିଧାରୀ ସାହୁ, ଦୁର୍ଯ୍ୟୋଧନ ସିଂ, ଯତୀନ୍ଦ୍ରନାଥ ସାହୁଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ପରିବେଶପ୍ରେମୀ ମାନେ ଉପସ୍ଥିତ ରହି ଚାରା ବଂଟନରେ ସହଯୋଗ କରିଥିଲେ ।

# ବାଉଁଶ ନଦୀ ପୋଲ ଉପରେ ୫ ଫୁଟର ପାଣି, ଯାତାୟାତ ଠପ୍



ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଂଚଳରେ ବିଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବର୍ଷା ଜଳ ବୃଦ୍ଧି ପାଇବା ଫଳରେ ବେତନଟୀ-ଦହିକୁଟି ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ବାଉଁଶ ନଦୀର ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚତାର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ମିଳିଥିବା ସୂଚନା ଅନୁସାରେ, ବାଉଁଶ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ପୋଲ ଉପରେ ଜଳସ୍ରୋତ ପ୍ରଖର ରହିଛି । ଏହି କାରଣରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଲୋକ ଓ ଯାନବାହାନ ଅଟକି ରହିଛନ୍ତି । ସ୍ଥାନୀୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା, ଜରୁରୀକାଳୀନ ଚିକିତ୍ସା ସେବା ଓ କାର୍ଯ୍ୟାଳୟକୁ ଯାଉଥିବା ସାଧାରଣ ଜନତା ରାସ୍ତା ପାର ହେବା ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କିଛି ଲୋକ ବିପଦପୂର୍ଣ୍ଣ ଭାବେ ରାସ୍ତା ପାର ହେବାକୁ ଚେଷ୍ଟା କରୁଥିବା ଦେଖାଯାଇଛି, ଯାହା ବଡ଼ ଧରଣର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ତେବେ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ସଜାଗ ଦୃଷ୍ଟି ରଖାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ବିପଦପୂର୍ଣ୍ଣ ଭାବେ ପୋଲ ପାର ନହେବା ପାଇଁ ସୂଚନା ଦିଆଯାଉଛି । ବନ୍ୟା ଜଳ ହ୍ରାସ ନପାଇବା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ ପ୍ରତିବନ୍ଧକ ରହିବ । ପ୍ରଶାସନିକ ସ୍ତରରେ ଉଦ୍ଧାର ଓ ସହାୟତା ପାଇଁ ପ୍ରସ୍ତୁତି ସହ ଜଳସ୍ତର ଉପରେ କ୍ରମାଗତ ନଜର ରଖାଯାଇଛି ।

# ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



ନୟାଗଡ(ନିପ୍ର): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ଅପରାହ୍ନ ୪ ଘଟିକା ସମୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଅଧକ୍ଷତା କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତୀ ସୁଜାତା କୁମାରୀ ସାହୁ ପ୍ରାରମ୍ଭିକ ସ୍ୱାଗତ ଭାଷଣ ରଖିଥିଲେ । ପୂର୍ବବର୍ଷ ପ୍ରସ୍ତୁତି ବୈଠକର ବିବରଣୀ ପାଠ କରାଯିବା ସହ ଚଳିତ ବର୍ଷ ବୈଠକର ନିଷ୍ପତି ଅନୁଯାୟୀ ଆଗାମୀ ଅଗଷ୍ଟ ୧୫ଦିନ ଜିଲ୍ଲାସ୍ତରୀୟ ଜାତୀୟ ପତାକା ଉତୋଳନ ପୂର୍ବାହ୍ନ ୯ ଘଟିକାରେ ଅନୁଷ୍ଠିତ ହେବ । ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟମାନେ ନିଜ ନିଜର କାର୍ଯ୍ୟାଳୟରେ ଉପସ୍ଥିତ ରହି ଜାତୀୟ ପତାକା ଉତୋଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅଗଷ୍ଟ ୧୧,୧୨ ଓ ୧୩ ତାରିଖରେ ଅଭ୍ୟାସ ପ୍ୟାରେଡ୍ ପି.ଟି.ଏସ. ପଡ଼ିଆ ଠାରେ ଅନୁଷ୍ଠିତ ହେବ । ସ୍କୁଲ ଓ କଲେଜସ୍ତରରେ ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଗଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କାରାଗାରର ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରାଯିବା ପାଇଁ ସ୍ଥିରୀକୃତ ହେଲା । ରୋଟାରୀ କ୍ଲବ ଓ ନୟାଗଡ଼ ବ୍ଲଡ୍ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ କରାଯିବା ପାଇଁ ସ୍ଥିର କରାଗଲା । ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ସାମ୍ବାଦିକ, ଘରୋଇ ବସ ସଂଘର ସଭାପତି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତା, ବରିଷ୍ଠ ନାଗରିକଏବଂ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଧନ୍ୟବାଦ ଅର୍ପଣ କରିବା ପରେ ପରେ ସଭା ସାଙ୍ଗ କରାଯାଇଥିଲା ।

# ଜଳବନ୍ଦୀ ଘେରରେ ଥିବା ଦେହୁରୀ ସାହି ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ

ନୀଳଗିରି(ନିପ୍ର): ସକାଳ୯ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ଯୋଗୁଁ ନୀଳଗିରି ଏନଏସି ଅଧିନସ୍ଥ ୨ନମ୍ବର ୱାର୍ଡ ଘାଟଘର ସାହି ର ଦେହୁରୀ ସାହି ପ୍ରାୟ୪୦ରୁ ଉର୍ଦ୍ଧ୍ୱ ପରିବାର ସମ୍ପୂର୍ଣ୍ଣ ଭାବେଜଳ ବନ୍ଦୀ ହୋଇଯାଇଥିଲେ । ଲୋକ ମାନେ ପ୍ରଶାସନ ଙ୍କୁ ଯେତେ ନେହୁରା ହୋଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କେହି ପହଁଚି ନଥିଲେ । ଫଳରେ ସକାଳ୯ଟା ସମୟ ରେ ଜଳ ବନ୍ଦୀରେଥିବା କ୍ଷୀରୋଦ ମଲ୍ଲିକ, ହାଡ଼ିବନ୍ଧୁ ମଲ୍ଲିକ, ରମାମଣି ବେହେରା, ପପୁ ନାୟକ, ରବୀନ୍ଦ୍ର ବେହେରା, ଡୁଙ୍ଗୁରା ବେହେରା, ପିତାମ୍ବର ମଲ୍ଲିକ, ରବିନାରାୟଣ ମଲ୍ଲିକ, ପ୍ରଫୁଲ୍ଲ କୁମାର ବେହେରା, ରଂଜନ କୁମାର ବେହେରା, ବୁଲୁ ବେହେରା, ଗଜେନ୍ଦ୍ର ମଲ୍ଲିକ, ରମେଶ ମଲ୍ଲିକ, ଖଗେନ୍ଦ୍ର ମଲ୍ଲିକ, ଖଗେନ୍ଦ୍ର ବେହେରା, ଗୌରହରି ମଲ୍ଲିକ, ଜଗବନ୍ଧୁ ମଲ୍ଲିକ ସମେତ ଶତାଧିକ ମହିଳା, ପୁରୁଷ ମାନେ ୧୯ରାଜ୍ୟ ରାଜପଥ ଦେହୁରୀ ସାହି ନିକଟରେ ରାସ୍ତା ଉପରେ କାଠ ଗଣ୍ଡି ରଖି ଅବରୋଧ କରିଥିଲେ । ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଓ ଭାରପ୍ରାପ୍ତ ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଜନତା ବୁଝାସୁଝା କରି ପାଣି ଘେରରେ ଥିବା ଲୋକଙ୍କୁ ଉଦ୍ଧାରକରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଦିନ ୧୧ଟା ରେ ରାସ୍ତା ଅବରୋଧ ଉଠିଥିଲା । ପରେ ପ୍ରଶାସନ ଉପସ୍ଥିତ ରେ ପାଣି ନିଷ୍କାସିତ କରାଯାଇଥିଲା । ସୂଚନାଯୋଗ୍ୟ ଦେହୁରୀସାହି ନିକଟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ୫ଏକରର ଜମି କିଣି ମାଟି ପକାଇ ବା ସହିତ ୧୯ରାଜ୍ୟ ରାଜପଥ ରେ ଥିବା ନୟନ ଝୁରି କୁ ପୋତି ଛୋଟ ଛୋଟ ହୋମ ପାଇପି ପକାଇ ଥିବାରୁ ପାଣି ନ କଟିବାରୁ ସାହି ଭିତରେ ପାଣି ଠେଲି ଦେବାରୁ କୃତ୍ରିମ ବନ୍ୟା ଦେଖା ଦେଇଥିଲା । ଫଳରେ୪୦ଉର୍ଦ୍ଧ୍ୱପରିବାର ଜଳ ବନ୍ଦୀ ଭିତରେ ରହିଥିଲେ ।

# ସଂଗଠନ ବ୍ୟକ୍ତି ବିଶେଷ ଓ ଶିଳ୍ପ ସଂସ୍ଥା ମାନେ ଜିଲ୍ଲାରେ ହକି ଖେଳକୁ ଲୋକପ୍ରିୟ କରିବାକୁ ଚେଷ୍ଟିତ



ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ଜିଲ୍ଲାରେ ୨୦୨୧ ମସିହାରେ ଜିଲ୍ଲା ହକି ଆସୋସିଏସନର ଗଠନ ହୋଇଥିଲା । ହକି ଆସୋସିଏସନର ନିଷ୍ଠାର କାର୍ଯ୍ୟ ପ୍ରଣାଳୀ ଫଳରେ ଜିଲ୍ଲାରେ ୫ ବର୍ଷ ମଧ୍ୟରେ ବର୍ତମାନ ୧୨୦୦ରୁ ଉର୍ଦ୍ଧ୍ୱ ବାଳକ ବାଳିକା ଖେଳାଳୀ ସୃଷ୍ଟି ହୋଇ ପାରିଛନ୍ତି । ପ୍ରତ୍ୟେକ ବର୍ଷ ଜୁନିୟର, ସିନିୟର ଓ ସବଜୁନିୟର ବାଳକ ବାଳିକା ବିଭାଗରେ ୯୬ ଜଣ ବାଳକ ବାଳିକା ରାଜ୍ୟରେ ହେଉଥିବା ଆନ୍ତଃ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେଉଛନ୍ତି ୫ ବର୍ଷ ମଧ୍ୟରେ ୪୮୦ ଜଣ ଆନ୍ତଃ ଜିଲ୍ଲା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି, ଏବଂ ସ୍କୁଲ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆ.ଇ.ସି.ଆ.ଇ.ସି.ଏବଂ ସି.ବି.ଏସ.ଇ. ଓ ଏଚ.ଏସ.ସି.ରେ ଜିଲ୍ଲାର ବାଳକ ବାଳିକା ମାନେ ସଫଳତା ସହିତ ଉନ୍ନତ ମାନର ଖେଳ ପ୍ରର୍ଦଶନ କରି ଓଡିଶା ଦଳରୁ ମଧ ପ୍ରତିନିଧିତ୍ୱ କରୁଛନ୍ତି । ହକି ଆସୋସିଏସନର ଚେଷ୍ଟାରେ ନିଜସ୍ୱ ଜମି ୪ ଏକର ୮୦ ଡ଼ିସିମିଲ ରାଜ୍ୟ ସରକାରଙ୍କ ତରଫରୁ ପ୍ରାପ୍ତ ହୋଇଛି । ହ-କଟାପାଲି ବର୍ତମାନ ଟର୍ଫ ପଡିଆରେ ପରିଣତ ହେବା ସହିତ ନିଜସ୍ୱ ଗୃହ କରି ପାରିଛି । ଟର୍ଫ ହେବା ଫଳରେ ପ୍ରତ୍ୟେକ ଦିନ ୪୦ରୁ ଉର୍ଦ୍ଧ୍ୱ ଜୁନିୟର ସିନିୟର ବାଳକ ବାଳିକା ମାନେ ସକାଳ ଓ ସନ୍ଧ୍ୟାରେ ଖେଳିବାକୁ ଆସୁଥିବା ବେଳେ ରବିବାର ଛୁଟି ଦିନରେ କିର୍ମିରା, ଲଇକେରା ଓ ଲଖନପୁର ଅଂଚଳର ସ୍କୁଲ ଛାତ୍ରଛାତ୍ରୀ ମାନେ ଟର୍ଫ ପଡିଆରେ ଅଭ୍ୟାସ କରୁଛନ୍ତି । ୩ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍କୁଲରେ ପ୍ରଶିକ୍ଷଣ ପ୍ରଦାନ କରା ଯାଉଛି । ସରକାରୀ କ୍ରୀଡ଼ା ସଂସ୍ଥା ଦ୍ୱାରା କୌଣସି ଅନୁଦାନ ମିଳି ନ ଥିଲେ ମଧ ହକି ଆସୋସିଏସନର ନିଜସ୍ୱ ଚେଷ୍ଟାରେ ବିଭିନ୍ନ ଶିଳ୍ପ ସଂସ୍ଥା ସାଧାରଣ ବ୍ୟକ୍ତି ବିଶେଷ, ସାହାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି । ନିକଟରେ ହୋଟେଲ ଅରର୍ଚାଡ଼ର ମୁଖ୍ୟ ନିର୍ଦ୍ଦେଶକ ଆଶିଷ ପାଲିତ ପିଲା ମାନଙ୍କର ପିଇବା ପାଣି ଅସୁବିଧା ଉପଲବ୍ଧି କରି ଥଣ୍ଡା ପାନୀୟ ଜଳର ବଡ ମେସିନ ପ୍ରଦାନ କରିଛନ୍ତି । ଏହା ଦ୍ୱାରା ଏକ କାଳିନ ୧୦୦ ପିଲା ପାନୀୟ ଜଳ ପାଇ ପାରିବେ । ସେହି ପରି ମମତା ମାର୍ବଲର ମାଲିକ ସାୱାଇ ସିଂ ଟ୍ରଷ୍ଟ ତରଫରୁ ବଡ ସାଉଣ୍ଡ ସିଷ୍ଟମ ଦେବା ସହିତ ପୂର୍ବରୁ ୱାସିଙ୍ଗ ମେସିନ ପ୍ରଦାନ କରିଛନ୍ତି । ସି.ଏ. ମହେନ୍ଦ୍ର କେଡ଼ିଆ ଶୀତ ତାପ ନିୟନ୍ତ୍ରିତ ଯନ୍ତ୍ର ପ୍ରଦାନ କରିଛନ୍ତି । ଜେ.ଡ଼ି.ଏସ. ହସ୍ପିଟାଲର ନିର୍ଦ୍ଦେଶକ ଡଃ ଯଶଲୋକ ଶର୍ମା ଖେଳ ପରିଚାଳନା କରିବା ପାଇଁ ୪ଟି ୱାକି ଟକି ପ୍ରଦାନ କରିଛନ୍ତି । ପିଲା ମାନଙ୍କର ଖେଳ ଉପକରଣ ପାଇଁ ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀଙ୍କ ଚେଷ୍ଟାରେ ଓ.ପି.ଜି.ସି. ବନହରପାଲୀ, ଏମ.ସି.ଏଲ. ଲଖନପୁର ତରଫରୁ ଜିଲ୍ଲାରେ ମୋଟ ୧୮ଟି ସ୍କୁଲରେ ଆଲଫାର ହକି ସରଞ୍ଜାମ ପ୍ରଦାନ କରାଯାଇଛି । ପୂର୍ବରୁ ବେଦାନ୍ତ ତରଫରୁ ୨୦୨୨ ମସିହାରେ ୧୦ଟି ସ୍କୁଲକୁ ହକି ସରଞ୍ଜାମ ପ୍ରଦାନ କରାଯାଇଥିଲା । ଗ୍ରୀଷ୍ମ କାଳୀନ ହକି ପ୍ରଶିକ୍ଷଣ ପରିଚାଳନା ପାଇଁ ରୁଙ୍ଗଟା ମାଇନ୍ସ ସାହାର୍ଯ୍ୟ ପ୍ରଦାନ କରିଛନ୍ତି । ସେହି ପରି ଜିଲ୍ଲାର ଅନେକ ବରିଷ୍ଠ ଅଧିକାରୀ ମାନେ ମଧ ସାହାର୍ଯ୍ୟ ସହଯୋଗ କରି ହକି ଆସୋସିଏସନକୁ ଉପଯୁକ୍ତ ଭାବରେ ପରିଚାଳନା କରିବା ପାଇଁ ଆବଶ୍ୟକୀୟ ସରଞ୍ଜାମ ମାନ ପ୍ରଦାନ କରିଛନ୍ତି । ଏନ.ଏଲ.ସି କଂପାନୀ ଦ୍ୱାରା ଖେଳାଳି ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି । ବର୍ତମାନ ହକି ଆସୋସିଏସନର କାର୍ଯ୍ୟର ସଫଳତାକୁ ଦୃଷ୍ଟିରେ ରଖି ବିଭିନ୍ନ ସଂଗଠନ ବ୍ୟକ୍ତି ବିଶେଷ, ଶିଳ୍ପ ସଂସ୍ଥା ମାନେ ସାହାର୍ଯ୍ୟ କରି ଜିଲ୍ଲାରେ ହକି ଖେଳକୁ ଲୋକପ୍ରିୟ କରିବାକୁ ଚେଷ୍ଟିତ । ସେହି ବ୍ୟକ୍ତି ମାନଙ୍କୁ ହକି ଆସୋସିଏସନ ତରଫରୁ ଆନ୍ତରିକ ଧନ୍ୟବାଦ ଦିଆଯାଇଛି ।

# ପୂର୍ବତନ ରାଜସ୍ୱ ନିରୀକ୍ଷକ ମାଳତୀ ବେହୁରୀ ଲାଂଚ ମାମଲାରେ ଦୋଷୀ ସାବ୍ୟସ୍ତ

କଟକ(ନିପ୍ର): ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ବିରୋଧୀ ଘଟଣାକ୍ରମରେ, ଓଡ଼ିଶା ଭିଜିଲାନ୍ସ ଏକ ଲାଂଚ ମାମଲାରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ପଂଚୁପଡ଼ାର ପର୍ଜଙ୍ଗ ତହସିଲ, ଜିଲ୍ଲା-ଢେଙ୍କାନାଳ ଅନ୍ତର୍ଗତ କନ୍ଦରାସିଂହା ରାଜସ୍ୱ ସର୍କଲର ପୂର୍ବତନ ଆରଆଇ ମାଳତୀ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ସୂଚନା ଏହି ଯେ ଆର୍ ଆଇ ମାଳତୀ ବେହୁରୀ ଏକ ମ୍ୟୁଟେସନ୍ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ଲାଂ ଦାବି କରିବା ଏବଂ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଦଫା ୧୩(୨) ଆ/ଡବ୍ଲୁ ୧୩(୧)(ଡି)/୭ପିସି ଆଇନ, ୧୯୮୮ ଅନ୍ତର୍ଗତ ଏକ ମାମଲାରେ ଚାର୍ଜସିଟ୍ କରାଯାଇଥିଲା, ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଢେଙ୍କାନାଳ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇ ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡିତ କରାଯାଇଛି । ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ଏବେ ମାଳତୀ ଦେହୁରୀଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ । ମାଳତୀ ଦେହୁରୀଙ୍କୁ ପର୍ଜଙ୍ଗ ତହସିଲ, ଜିଲ୍ଲା-ଢେଙ୍କାନାଳ, ଏ/ପି-ଆରଆଇ, ପଂଚୁପଡ଼ା ସର୍କଲର ହିନ୍ଦୋଳ ତହସିଲ, ଜିଲ୍ଲା-ଢେଙ୍କାନାଳ ଅଧୀନରେ ଚାକିରିରୁ ବହିଷ୍କାର କରାଯିବ । କଟକ ବିଭାଗର ପୂର୍ବତନ ଇନ୍ସପେକ୍ଟର, ଭିଜିଲାନ୍ସ, ଶ୍ରୀ ଜ୍ଞାନରଞ୍ଜନ ମିଶ୍ର ଏହି ମାମଲାର ତଦନ୍ତ କରିଥିଲେ ଏବଂ ଅଭିଯୋଜନା ପକ୍ଷରୁ ଶ୍ରୀ ହେମନ୍ତ କୁମାର ଖଟୁଆ, ଶ୍ରୀମତୀ ଅନୁଜ୍ଞାନ ମହାନ୍ତି, ସ୍ୱତନ୍ତ୍ର ପିପି ଏବଂ ଶ୍ରୀ ସ୍ୱରାଜ୍ୟ କୁମାର ରାୟ, ଏପିପି, ଭିଜିଲାନ୍ସ, ଢେଙ୍କାନାଳ ମିଳିତ ଭାବରେ ମାମଲା ପରିଚାଳନା କରିଥିଲେ ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତିତ୍ୱର ଚାରି ବର୍ଷ ପୂରଣ ଅବସରରେ ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକ୍ରିଷ୍ଣନ୍ ପାଂଚଟି ସ୍ମାରକୀ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ସାର୍ବଜନୀନ ପରୀକ୍ଷାରେ ଠକେଇ ରୋକିବା ପାଇଁ ଲୋକସଭାରେ ବିଲ୍ ପାରିତ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ସର୍ବସାଧାରଣ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନ୍ୟାନ୍ୟ ଅନୁଚିତ ଉପାୟକୁ ପ୍ରଭାବଶାଳୀ ଭାବରେ ରୋକିବା ଉଦ୍ଦେଶ୍ୟରେ ମଙ୍ଗଳବାର ଦିନ ଲୋକସଭାରେ ସାର୍ବଜନୀନ ପରୀକ୍ଷା (ଅନୁପଯୁକ୍ତ ଉପାୟର ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬ ଉପସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ବିଲ୍ ଉପରେ ବିଚାର କରିବାକୁ ପ୍ରସ୍ତାବ ଦେବାବେଳେ କହିଥିଲେ ଯେ ୨୦୨୪ରେ ଲାଗୁ ହୋଇଥିବା ଆଇନକୁ ଅଧିକ ପ୍ରଭାବଶାଳୀ ଏବଂ କଠୋର କରିବା ଏହାର ଉଦ୍ଦେଶ୍ୟ, ଯାହାଦ୍ୱାରା ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ସୁରକ୍ଷିତ ରହିବ ।ଡକ୍ଟର ସିଂହ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ଏବଂ ପରୀକ୍ଷାରେ ଅନିୟମିତତା ଘଟଣା କେବଳ କୌଣସି ଗୋଟିଏ ରାଜ୍ୟ କିମ୍ବା ସରକାର ମଧ୍ୟରେ ସୀମିତ ନାହିଁ । ସେ ରେଳବାଇ ନିଯୁକ୍ତି ବୋର୍ଡ, ଅଖିଳ ଭାରତୀୟ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା, ଏମ୍ସ, ତାମିଲନାଡୁ ଲୋକସେବା ଆୟୋଗ, ଉତର ପ୍ରଦେଶ ବିଏଡ୍ ପ୍ରବେଶିକା ପରୀକ୍ଷା ଏବଂ ପଶ୍ଚିମବଙ୍ଗ ଯୁଗ୍ମ ପ୍ରବେଶିକା ପରୀକ୍ଷା ସମେତ ଅନେକ ମାମଲା ବିଷୟରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଏହି ଅଭିଜ୍ଞତା ଆଧାରରେ ହିଁ



୨୦୨୪ ମସିହାରେ ବ୍ୟାପକ ଆଇନ ପ୍ରଣୟନ କରାଯାଇଥିଲା । ସେ ସୂଚନା ଦେଇଥିଲେ ଯେ କେନ୍ଦ୍ର ଲୋକସେବା ଆୟୋଗ (ୟୁ. ପି. ଏସ୍. ସି.), କର୍ମଚାରୀ ଚୟନ ଆୟୋଗ (ଏସ୍. ଏସ୍. ସି.), ରେଳବାଇ ନିଯୁକ୍ତି ବୋର୍ଡ, ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସନାଲ୍ ସିଲେକ୍ସନ୍ (ଆଇ. ବି. ପି. ଏସ୍.) ଏବଂ ନ୍ୟାସନାଲ୍ ଟେଷ୍ଟିଙ୍ଗ୍ ଏଜେନ୍ସି (ଏନ୍. ଟି. ଏ.) ଭଳି ଅନୁଷ୍ଠାନଗୁଡ଼ିକର ପରୀକ୍ଷା ପାଇଁ ୨୦୨୪ ମସିହାର ଆଇନର ବ୍ୟବସ୍ଥା ରହିଛି ।

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା: ୯ ଜିଲ୍ଲାକୁ ରେଡ୍ ଆଲର୍ଟ

ଭୁବନେଶ୍ୱର:ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ- ଉତର ଓଡ଼ିଶା ଉପକୂଳ ସଂଲଗ୍ନ ଅଂଚଳରେ ସକ୍ରିୟ ଥିବା ଗଭୀର ଅବପାତ ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ପ୍ରାୟ ୩ କିଲୋମିଟର ବେଗରେ ଧୀରେ ଧୀରେ ଉତର ଦିଗକୁ ଗତି କରିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ତଥ୍ୟ ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟା ୩୦ ସୁଦ୍ଧା ଏହାର କେନ୍ଦ୍ର ୨୧.୫ ଡିଗ୍ରୀ ଉତର ଅକ୍ଷାଂଶ ଏବଂ ୮୮.୧ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା । ଏହା ସାଗର ଦ୍ୱୀପରୁ ପ୍ରାୟ ୨୦ କି.ମି. ଦକ୍ଷିଣ-ଦକ୍ଷିଣପୂର୍ବ, ଦୀଘାରୁ ୬୦ କି.ମି. ପୂର୍ବ-ଦକ୍ଷିଣପୂର୍ବ, ଡାଇମଣ୍ଡ ହାର୍ବରରୁ ୮୦ କି.ମି. ଦକ୍ଷିଣ-ଦକ୍ଷିଣ ପଶ୍ଚିମ, କ୍ୟାନିଂରୁ ୧୦୦ କି.ମି. ଦକ୍ଷିଣ-ପଶ୍ଚିମ ଏବଂ ବାଲେଶ୍ୱରରୁ ୧୨୦ କି.ମି. ପୂର୍ବରେ ରହିଥିଲା । ତେବେ ଗଭୀର ଅବପାତ ଉତର ଦିଗକୁ ଗତି କରି ସାଗର ଦ୍ୱୀପ ନିକଟ ଦେଇ ବାଲେଶ୍ୱର ଓ କ୍ୟାନିଂ ମଧ୍ୟରେ ହଳଦିଆ ନିକଟରେ ପଶ୍ଚିମବଙ୍ଗ-ଉତର ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।



# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଉପରେ ଲିଖିତ ପୁସ୍ତକକୁ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗ ଓ ସଂଘର୍ଷ

ଭୁବନେଶ୍ୱର :ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ସଂଘର୍ଷ, ଜନଜାତିଙ୍କ ସେବା ଓ ରାଷ୍ଟ୍ରସେବାର କାହାଣୀ ଆଗାମୀ ପିଢ଼ି ପାଇଁ ପ୍ରେରଣାର ମୁଖ୍ୟ ଉତ୍ସ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ରେଳ ଅଡିଟୋରିଅମ ଠାରେ ଆୟୋଜିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉପରେ ରଚିତ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ' ପୁସ୍ତକ ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଣେ ମହାପୁରୁଷଙ୍କ ଜୀବନୀ କେବଳ ଅତୀତର ଘଟଣାବଳୀର ସମାହାର ନୁହେଁ, ବରଂ ତାହା ଆଗାମୀ ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସାଜିଥାଏ । ସମାଜର ଶେଷ ଧାଡ଼ିରେ ଛିଡ଼ା ହୋଇଥିବା ଅବହେଳିତ ମାନବସମାଜର କଲ୍ୟାଣ ପାଇଁ ସ୍ୱାମୀଜୀଙ୍କର ଉତ୍ସର୍ଗୀକୃତ ସାଧନା ଏବଂ ରାଷ୍ଟ୍ରଚେତନାର ପ୍ରସାର, ଆମ ସଂସ୍କୃତିକୁ ସଦାସର୍ବଦା ଋଦ୍ଧିମନ୍ତ କରିରଖିବ ବୋଲି ସେ ମତ ଦେଇଛନ୍ତି ।ସ୍ୱାମୀଜୀଙ୍କ ଜୀବନୀ ଉପରେ ରଚିତ ପୁସ୍ତକ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ', ଆଗାମୀ ଦିନରେ ସ୍କୁଲ, କଲେଜ ଲାଇବ୍ରେରୀ ମାନଙ୍କରେ ଶୋଭା ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ




ଆହୁରି ମଧ୍ୟ କହିଛନ୍ତି ଯେ ସ୍ୱାମୀଜୀ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ବରଂ କନ୍ଧମାଳର ବନବାସୀ ଭାଇଭଉଣୀଙ୍କ ପାଇଁ ସାକ୍ଷାତ ରକ୍ଷାକବଚ ଓ ଜାଗ୍ରତ ଆଧାତ୍ମିକ ଚେତନାର ପୁରୁଷ ଥିଲେ । ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ମାଧ୍ୟମରେ ସେ ବନବାସୀ ଝିଅମାନଙ୍କୁ ଶିକ୍ଷିତ ଓ ଆତ୍ମନିର୍ଭରଶୀଳ କରିବା ସହ ଅବୈଧ ଧର୍ମାନ୍ତରୀକରଣ, ଗୋ-ହତ୍ୟା ଏବଂ ଦେଶବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ସ୍ୱର ଉତୋଳନ କରିଥିଲେ ।ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅମୂଲ୍ୟ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଶା ସରକାର ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଫୁଲବାଣୀକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରାଯାଇଛି ବୋଲି କହିଛନ୍ତି । ଏହା ସହିତ ଜଲେଶପଟ୍ଟା ଆଶ୍ରମର ଐତିହ୍ୟ ସଂରକ୍ଷଣ, ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ଏବଂ ଜଳ ଯୋଗାଣ ଭଳି ଭୌତିକ ଭିତିଭୂମିର ବିକାଶ ପାଇଁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସେ ପ୍ରକାଶ କରିଛନ୍ତି, ଯାହାର କାର୍ଯ୍ୟ ଅତି ଶୀଘ୍ର ଆରମ୍ଭ ହେବ । ଆଗାମୀ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ସ୍ୱାମୀଜୀଙ୍କ ଜନ୍ମ ଶତବାର୍ଷିକୀ ବର୍ଷରେ ତାଙ୍କର ଆଦର୍ଶକୁ ରାଜ୍ୟର ପ୍ରତ୍ୟେକ ଗାଁ ଓ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେମିନାର୍ ଓ କର୍ମଶାଳା ମାଧ୍ୟମରେ ପହଂଚାଯିବ ।୨୦୦୮ ମସିହା ଜନ୍ମାଷ୍ଟମୀ ରାତିର ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା ଓ ତୁଷ୍ଟୀକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଜଷ୍ଟିସ୍ ନାଇଡୁ କମିଶନ୍ ?ଙ୍କ ରିପୋର୍ଟ ଓ ଫାଇଲ୍ ଲୋକସେବା ଭବନରୁ ଗାଏବ ହେବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର । ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଫାଇଲ୍ ହଜିବା ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ୍ ?ବ୍ରାଂଚକୁ ଦିଆଯାଇଛି । ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ ଏବଂ ଏହି ହତ୍ୟାକାଣ୍ଡ ପଛରେ ଥିବା ପ୍ରକୃତ ଦୋଷୀଙ୍କୁ ଆମ ସରକାର କୌଣସି ପରିସ୍ଥିତିରେ ଛାଡ଼ିବ ନାହିଁ ବୋଲି ସେ ରାଜ୍ୟବାସୀଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି ।ଏଥିସହିତ ଏହି ପୁସ୍ତକର ସ୍ରଷ୍ଟା ଶ୍ରୀ ବିପିନ ବିହାରୀ ନନ୍ଦ ଓ ଶ୍ରୀ ବାଂଛାନିଧି ପଣ୍ଡାଙ୍କ ଦ୍ୱାରା ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ ଏହି ଗ୍ରନ୍ଥ ଯୁବସମାଜକୁ ରାଷ୍ଟ୍ରଭକ୍ତି, ତ୍ୟାଗ ଓ ଆଧାତ୍ମିକତାରେ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସବୋଲେ ସ୍ୱାମୀଜୀଙ୍କୁ ଜଣେ ମହାପୁରୁଷ ଭାବେ ଅଭିହିତ କରି କହିଛନ୍ତି ଯେ, ସେ ନିଜ ଜୀବନକାଳ ମଧ୍ୟରେ ଧର୍ମ ଜାଗୃତି ଓ ଧର୍ମ ରକ୍ଷା ଦିଗରେ ସାଧାରଣ ଜନତାଙ୍କୁ ଜ୍ଞାନ ପ୍ରଦାନ କରିବା ସହ ପ୍ରେରଣା ଦେଇଥିଲେ ।

# ରାଜ୍ୟସଭାରେ ଏମ୍.ଏସ୍.ଏମ୍.ଇ. ସଂଶୋଧନ ବିଲ୍ ୨୦୨୬ ଆଗତ

ନୂଆଦିଲ୍ଲୀ,: ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍.ଏସ୍.ଏମ୍.ଇ.) ବିକାଶ (ସଂଶୋଧନ) ବିଲ୍, ୨୦୨୬ ମଙ୍ଗଳବାର ରାଜ୍ୟସଭାରେ ବିରୋଧୀଙ୍କ କ୍ରମାଗତ ହଟ୍ଟଗୋଳ ମଧ୍ୟରେ ଉପସ୍ଥାପିତ ହୋଇଛି । ହଟ୍ଟଗୋଳ ଜାରି ରହିଥିବାବେଳେ ଉପାଧ୍ୟକ୍ଷ ହରିବଂଶ ବୁଧବାର ସକାଳ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖିଥିଲେ । ମଧ୍ୟାହ୍ନ ଭୋଜନ ବିରତି ପରେ ଗୃହ ଏକତ୍ର ହେବା ମାତ୍ରେ ଉପାଧ୍ୟକ୍ଷ ହରିବଂଶ ସରକାରୀ ଆଇନ ପ୍ରଣୟନ କାର୍ଯ୍ୟ ଆରମ୍ଭ କରି କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଞ୍ଝିଙ୍କୁ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ(ସଂଶୋଧନ) ବିଲ୍, ୨୦୨୬ ଉପସ୍ଥାପନ କରିବାକୁ ଅନୁମତି ଦେଇଥିଲେ ।ଏହି ବିଲ୍ ଉପସ୍ଥାପନ କରି ମାଞ୍ଝି କହିଛନ୍ତି ଯେ ୨୦୦୬ରେ ପ୍ରଣୟନ ହୋଇଥିବା ଏମ୍.ଏସ୍.ଏମ୍.ଇ. ବିକାଶ



ଅଧିନିୟମ ସମୟ ସହିତ ସଂଶୋଧନର ଆବଶ୍ୟକତା ଅନୁଭବ କରିଛି । ସେ କହିଥିଲେ ଯେ ଏହି ସଂଶୋଧନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଏମ୍.ଏସ୍.ଏମ୍.ଇ. ୟୁନିଟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ସୁନିଶ୍ଚିତ କରିବା, ନିୟମର ଉଲ୍ଲଙ୍ଘନ ପାଇଁ ଦଣ୍ଡକୁ ଅଧିକ କଠୋର କରିବା ଏବଂ ଦଣ୍ଡର ବ୍ୟବସ୍ଥାକୁ ସୁଦୃଢ଼ କରିବା ।ସେ କହିଥିଲେ ଯେ ଏହି ସଂଶୋଧନ ମାଧ୍ୟମରେ କେତେକ ବ୍ୟବସାୟ ସମ୍ବନ୍ଧୀୟ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯାଉଛି, ଯାହା ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସେମାନଙ୍କ ବକେୟା ପରିଶୋଧ କରିବାରେ ସୁବିଧା ପ୍ରଦାନ କରିବ ଏବଂ ବ୍ୟବସାୟିକ କାରବାରରେ ଅଧିକ ସ୍ୱଚ୍ଛତା ଆଣିବ । ଏହି ସମୟରେ ବିରୋଧୀ ସଦସ୍ୟମାନେ ଜାତୀୟ ରାଜଧାନୀରେ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାର ବିକ୍ଷୋଭକାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ ଉଠାଇ ସ୍ଲୋଗାନ ଦେବା ଜାରି ରଖିଥିଲେ । ବିରୋଧୀ ସଦସ୍ୟମାନେ ଗୃହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଏହି ପ୍ରସଙ୍ଗରେ ଏକ ବିବୃତି ଦାବି କରୁଥିବାବେଳେ ଟ୍ରେଜେରୀ ବେଂଚ ଏହାକୁ ବିରୋଧ କରିଥିଲେ ।କ୍ରମାଗତ ଗଣ୍ଡଗୋଳ ମଧ୍ୟରେ, ଉପାଧ୍ୟକ୍ଷ ବିରୋଧୀ ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ, କିନ୍ତୁ ଶବ୍ଦ ବନ୍ଦ ହୋଇନଥିବାରୁ ରାଜ୍ୟସଭାକୁ ଜୁଲାଇ ୨୯ ସକାଳ ୧୧ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା ।

# ଲଗାଣ ବର୍ଷା ଯୋଗୁଁ ପ୍ରଭାବିତ ଜିଲ୍ଲାର ସ୍ୱାସ୍ଥ୍ୟ ପରିସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର : ରାଜ୍ୟରେ ଅତ୍ୟଧିକ ବର୍ଷା ପ୍ରଭାବିତ ଜିଲ୍ଲା ଗୁଡିକରେ ଜଳସ୍ତର ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ପ୍ରସ୍ତୁତି ସମୀକ୍ଷା କରାଯାଇଛି । ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ. ଆଜି ପ୍ରଭାବିତ ଜିଲ୍ଲାଗୁଡ଼ିକର ପ୍ରସ୍ତୁତି ବ୍ୟବସ୍ଥାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି ।ସମୀକ୍ଷା ବୈଠକରେ ସଚିବ ପ୍ରଭାବିତ ଅଂଚଳରେ ଲୋକଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ । ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ, ଓଆରଏସ, ବ୍ଲିଚିଂ ପାଉଡର, ହାଲଜେନ ଟ୍ୟାବଲେଟ୍, ସାପ କାମୁଡ଼ା ପ୍ରତିଷେଧକ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେ



ନିର୍ଦ୍ଦେଶ ଦେଇଥିଲେ ।ପ୍ରଭାବିତ ଅଂଚଳରେ ନିୟମିତ ସ୍ୱାସ୍ଥ୍ୟ ଯାଂଚ, ଗର୍ଭବତୀ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆସନ୍ନ ପ୍ରସବ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଯୋଗାଯୋଗ ବିଚ୍ଛିନ୍ନ ଅଂଚଳକୁ ଆମ୍ବୁଲାନ୍ସ ସେବା ନିମନ୍ତେ ଅଗ୍ନିଶମ କର୍ମଚାରୀଙ୍କ ସହାୟତା ନେବାକୁ କହିଥିଲେ । ପ୍ରଭାବିତ ଅଂଚଳରେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଏମବିବିଏସ ଡାକ୍ତର ମୁତୟନ, ଜେନେରେଟର ଉପଲବ୍ଧତା, ଜଳ ବନ୍ଦୀ ଡାକ୍ତରଖାନା ଗୁଡିକରେ ପମ୍ପସେଟ ଲଗାଇ ଜଳ ମୁକ୍ତ ନିମନ୍ତେ ପଦକ୍ଷେପ ପାଇଁ କହିଛନ୍ତି । ପାନୀୟ ଜଳର ବିଶୁଦ୍ଧତା ରକ୍ଷା, ଖାଦ୍ୟ ସୁରକ୍ଷା, ପରିମଳ ବ୍ୟବସ୍ଥା ଏବଂ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବା ପାଇଁ ସେ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଥିଲେ । ସିଡିଏମ୍ ଓ ପିଏଚ୍‌ଓଙ୍କୁ ଜିଲ୍ଲା ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କଂଟ୍ରୋଲ ରୁମ ସମସ୍ତ ପ୍ରଭାବିତ ଅଂଚଳ ସହ ଯୋଗାଯୋଗ ରଖି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି । ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ, ଓଡିଶା ରାଜ୍ୟ ଔଷଧ ନିଗମର ଅଧିକାରୀ ଏବଂ ପ୍ରଭାବିତ ଜିଲ୍ଲାର ସିଡିଏମ୍ ଓ ପିଏଚ୍‌ଓମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ ।

# ନେପାଳରେ ପହଂଚିଲା ଭାରତର ପ୍ରଥମ ସିଧାସଳଖ ମାଲବାହୀ ଟ୍ରେନ୍

ନୂଆଦିଲ୍ଲୀ: କୋଲକାତା ବନ୍ଦରରୁ ନେପାଳର ବିରାଟନଗର କଷ୍ଟମସ୍ ୟାର୍ଡ ପର୍ଯ୍ୟନ୍ତ ପ୍ରଥମ ପ୍ରତ୍ୟକ୍ଷ ବାଣିଜ୍ୟିକ କଂଟେନର ମାଲବାହୀ ଟ୍ରେନର ସଫଳ ପରିଚାଳନା ସହିତ ଭାରତୀୟ ରେଳବାଇ ଭାରତ-ନେପାଳ ମାଲ ପରିବହନ ସଂଯୋଗକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ସଫଳତା ହାସଲ କରିଛି । କାନୋଲା (ସୋରିଷ ଜାତୀୟ ଶସ୍ୟ) ବୋଝେଇ ୪୦ଟି ୱାଗନ୍ ବିଶିଷ୍ଟ ଏହି ଟ୍ରେନ୍ ସଂଶୋଧିତ ଭାରତ-ନେପାଳ ରେଳ ଟ୍ରାଞ୍ଜିଟ୍ ପ୍ରୋଟୋକଲ୍ ଅଧୀନରେ ତା'ର ଯାତ୍ରା ପୂରଣ କରିଛି, ଯାହା ରେଳ ଆଧାରିତ ସୀମାପାର ମାଲ ପରିବହନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏହି ସଫଳ ପଦକ୍ଷେପ ଦ୍ୱାରା କୋଲକାତା ବନ୍ଦରରୁ ବିରାଟନଗର ପର୍ଯ୍ୟନ୍ତ କଂଟେନରଯୁକ୍ତ ମାଲର ସିଧାସଳଖ ରେଳ ଚଳାଚଳ ସମ୍ଭବ ହୋଇପାରିଛି । ଏହି ନୂତନ ବ୍ୟବସ୍ଥା ଦ୍ୱାରା ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସୀମାପାର ବାଣିଜ୍ୟର ଦକ୍ଷତା, ବିଶ୍ୱସନୀୟତା ଏବଂ ପ୍ରତିଦ୍ୱନ୍ଦ୍ୱିତାରେ



ଉନ୍ନତି ଆଣିବା ସହିତ ପରିବହନ ସମୟ, ଲଜିଷ୍ଟିକ୍ସ ଖର୍ଚ୍ଚ ଏବଂ କାର୍ଗୋ ପରିଚାଳନା ଯଥେଷ୍ଟ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ସଂଶୋଧିତ ଭାରତ-ନେପାଳ ରେଳ ଟ୍ରାଞ୍ଜିଟ୍ ପ୍ରୋଟୋକଲର କାର୍ଯ୍ୟକାରିତା ମାଧ୍ୟମରେ ଏହି ମାଇଲଖୁଂଟ ସମ୍ଭବ ହୋଇଛି, ଯାହା ଦୁଇ ଦେଶ ମଧ୍ୟରେ ମାଲ ପରିବହନର ନିରବଚ୍ଛିନ୍ନ ଏଣ୍ଡ-ଟୁ-ଏଣ୍ଡ ରେଳ ପରିବହନକୁ ସହଜ କରିଥାଏ ।ଏହି ସଫଳତା ଯୋଗବାଣୀ (ଭାରତ) ଏବଂ ବିରାଟନଗର (ନେପାଳ) ମଧ୍ୟରେ ବ୍ରୋଡ୍-ଗଜ୍ ରେଳ ସଂଯୋଗ ଉପରେ ଆଧାରିତ, ଯାହାର ଉଦଘାଟନ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ନେପାଳର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜୁନ୍ ୨୦୨୩ରେ କରାଯାଇଥିଲା । ନଭେମ୍ବର ୨୦୨୫ରେ ସଂଶୋଧିତ ବିନିମୟ ପତ୍ର (ଏଲଓଇ) ସ୍ୱାକ୍ଷରିତ ହେବା ପରେ ବିରାଟନଗରକୁ ସିଧାସଳଖ ବାଣିଜ୍ୟିକ ରେଳ ଚଳାଚଳ ବର୍ତମାନ କାର୍ଯ୍ୟକ୍ଷମ ହୋଇଛି, ଯାହା ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଅର୍ଥନୈତିକ ସହଯୋଗ ପାଇଁ ନୂତନ ସୁଯୋଗ ଖୋଲିଛି । ପ୍ରତ୍ୟକ୍ଷ ମାଲ ପରିବହନ ସେବା ଦ୍ୱାରା ଏକ ଦ୍ରୁତ, ଅଧିକ ବ୍ୟୟବହୁଳ ଏବଂ ପରିବେଶ ଦୃଷ୍ଟିରୁ ଦୀର୍ଘସ୍ଥାୟୀ ପରିବହନର ମାଧ୍ୟମ ପ୍ରଦାନ କରି ଆମଦାନୀ ଏବଂ ରପ୍ତାନି ମାଲ ପରିବହନକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି । ଏକାଧିକ ପରିଚାଳନା ପଏଂଟ ହ୍ରାସ କରିବା ଏବଂ ଯୋଗାଣ ଶୃଙ୍ଖଳା ଦକ୍ଷତାରେ ଉନ୍ନତି ଆଣିବା ଦ୍ୱାରା, ଏହି ପଦକ୍ଷେପ ରପ୍ତାନିକାରୀ, ଆମଦାନୀକାରୀ, ଲଜିଷ୍ଟିକ୍ସ ଅପରେଟର ଏବଂ ସୀମା-ପାର ବାଣିଜ୍ୟରେ ନିୟୋଜିତ ଶିଳ୍ପଗୁଡ଼ିକୁ ଲାଭାନ୍ୱିତ କରିବ । ଏହି ମାଇଲଖୁଂଟ ଅନ୍ତର୍ଜାତୀୟ ରେଳ ସଂଯୋଗ ସମ୍ପ୍ରସାରଣ, ମାଲ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଧୁନିକ ପରିବହନ ଭିତିଭୂମି ମାଧ୍ୟମରେ ବ୍ୟବସାୟିକ ସୁଗମତାରେ ଉନ୍ନତି ଆଣିବା ଲାଗି ସରକାରଙ୍କ ଲକ୍ଷ୍ୟକୁ ସମର୍ଥନ କରିବା ଉପରେ ଭାରତୀୟ ରେଳବାଇର ନିରନ୍ତର ଧ୍ୟାନକୁ ମଧ୍ୟ ପ୍ରତିଫଳିତ କରୁଛି ।

# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ, : ଅଗଷ୍ଟ ମାସରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ୨ଟି ଟେଷ୍ଟ ମ୍ୟାଚ ସିରିଜ ଖେଳିବ । ଏହି ସିରିଜ ପାଇଁ ବିସିସିଆଇ (ଈଉଉଓ) ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରିଛି । ବୋର୍ଡ ପକ୍ଷରୁ କୁହାଯାଇଛି ଯେ ୱାଶିଂଟନ ସୁନ୍ଦର ପ୍ରଥମ ଟେଷ୍ଟ ପାଇଁ ଚୟନ ନିମନ୍ତେ ଉପଲବ୍ଧ ନଥିଲେ ।ଶୁବମନ ଗିଲଙ୍କ ନେତୃତ୍ୱରେ ୧୫ ଜଣ ଖେଳାଳିଙ୍କୁ ଦଳରେ ସ୍ଥାନ ଦିଆଯାଇଛି । ସେଥିମଧ୍ୟରୁ ୨ ଜଣ ଖେଳାଳିଙ୍କ ଖେଳିବା ସେମାନଙ୍କ ଫିଟନେସ ରିପୋର୍ଟ ଉପରେ ନିର୍ଭର କରିବ । କେଏଲ ରାହୁଲଙ୍କୁ ଉପଅଧିନାୟକ ଭାବେ ନିଯୁକ୍ତ କରାଯାଇଛି । ଉଇକେଟ୍ ? କିପର ଭାବେ ରିଷଭ ପନ୍ତ ଓ ଧ୍ରୁବ ଜୁରେଲଙ୍କୁ ଦଳରେ




ସ୍ଥାନ ମିଳିଛି ।ନିକଟରେ ଦିନିକିଆ କ୍ରିକେଟରେ ଡେବ୍ୟୁ କରିଥିବା ଲମ୍ବାକାୟ ଦ୍ରୁତ ବୋଲର ଗୁରନୂର ବରାରଙ୍କୁ ପ୍ରଥମ ଥର ପାଇଁ ଟେଷ୍ଟ ଦଳରେ ସାମିଲ କରାଯାଇଛି । ତାଙ୍କ ସହିତ ସାରାଂଶ ଜେନ ମଧ୍ୟ ପ୍ରଥମ ଥର ପାଇଁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି । ମଧ୍ୟ ପ୍ରଦେଶର ସାରାଂଶ ଜଣେ ଅଲରାଉଣ୍ଡର, ଯିଏ ଅଫ ସ୍ପିନ ବୋଲିଂ କରିବା ସହ ବାମହାତୀ ବ୍ୟାଟର ମଧ୍ୟ ଅଟନ୍ତି । ବିସିସିଆଇ ତାହାର ବିବୃତିରେ କହିଛି ଯେ ସାଇ ସୁଦର୍ଶନ ଓ ଯଶପ୍ରୀତ ବୁମ୍‌ରାଙ୍କ ଉପଲବ୍ଧତା ସେଂଟର ଅଫ ଏକ୍ସିଲେନ୍ସ (COE) ପକ୍ଷରୁ ଫିଟନେସ ଅନୁମୋଦନ ମିଳିବା ଉପରେ ନିର୍ଭର କରିବ । ସେହିପରି, ୱାଶିଂଟନ ସୁନ୍ଦର ପ୍ରଥମ ଟେଷ୍ଟ ପାଇଁ ଚୟନ ନିମନ୍ତେ ଉପଲବ୍ଧ ନଥିଲେ ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା : ମହିଳା ସର୍ଟପୁଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଲେ ଶର୍ମିଳା ଧନକର

ନୂଆଦିଲ୍ଲୀ: ମହିଳା ସଟ୍‌ପୁଟ (ଏଫ୍୫୭)ରେ ଶର୍ମିଳା ଧନକର ସ୍ୱର୍ଣ୍ଣ ଓ ଶିକ୍ସା କେ. ଶ୍ୟାଲା ବ୍ରୋଞ୍ଜ ପଦକ ଜିତିଛନ୍ତି । ଶର୍ମିଳା ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ଦ୍ୱିତୀୟ ସ୍ୱର୍ଣ୍ଣ ଭେଟି ଦେଇଛନ୍ତି । ମହିଳା ସଟ୍‌ପୁଟ୍ (ଏଫ୍୫୭) ଶର୍ମିଳା ପ୍ରଥମ ପ୍ରୟାସରେ ୯.୪୮ ମିଟର ଫିଙ୍ଗିଥିଲେ । ପରେ ତୃତୀୟ ପ୍ରୟାସରେ ୯.୮୧ ମିଟର ଫିଙ୍ଗି ସ୍ୱର୍ଣ୍ଣ ପକ୍କା କରିଥିଲେ । ଘାନାର ଜିନାବୁ ଇସା (୮.୬୫ ମିଟର) ରୌପ୍ୟ ଏବଂ ଶିକ୍ସା କେ. ଶ୍ୟାଲା (୭.୨୬ ମିଟର) ବ୍ରୋଞ୍ଜ ଜିତିଥିଲେ । ଶର୍ମିଳାଙ୍କର ଏହା ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ ଥିଲା । ମହିଳା ସଟ୍‌ପୁଟ୍ (ଏଫ୍୫୭) ଶର୍ମିଳା ତୃତୀୟ ପ୍ରୟାସରେ ୯.୮୧ ମିଟର ଫିଙ୍ଗି ସ୍ୱର୍ଣ୍ଣ ପକ୍କା କରିଥିଲେ । ଶର୍ମିଳାଙ୍କର ଏହି ସଫଳତା ସହିତ ଭାରତ ଖାତାରେ ମୋଟ୍



୧୦ଟି ପଦକ ରହିଛି । ସେଥିରେ ୨ଟି ଗୋଲ୍ଡ, ୫ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ରହିଛି । ଭାରତୀୟ ପାରା-ଆଥଲେଟ୍ ଶର୍ମିଳା ଧନଖଡ଼ ଗ୍ଲାସଗୋରେ ରଚିଛନ୍ତି । ତାଙ୍କ ଜୀବନ କାହାଣୀ ସମସ୍ତଙ୍କୁ ପ୍ରେରଣା ଦେବ । ଶର୍ମିଳା ଧନକଡ କିଏ ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲାର ଚିଡ୍ରୋଲି ଗାଁର ବାସିନ୍ଦା ଶର୍ମିଳା ଧନଖର ପ୍ରଥମରୁ ହିଁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ଦୁଇ ବର୍ଷ ବୟସରେ ସେ ପୋଲିଓରେ ପକ୍ଷାଘାତର ଶିକାର ହୋଇଥିଲେ । ଯାହା ଫଳରେ ତାଙ୍କର ଗୋଟିଏ ଗୋଡ଼ ପକ୍ଷାଘାତଗ୍ରସ୍ତ ହୋଇଯାଇଥିଲା । ତାଙ୍କ ବାପା ଜଣେ କ୍ଷୁଦ୍ର ଚାଷୀ, ଉପଯୁକ୍ତ ଚିକିତ୍ସା ଖର୍ଚ୍ଚ ବହନ କରିପାରି ନଥିଲେ ଏବଂ ତାଙ୍କ ମା' ମଧ୍ୟ ତାଙ୍କର ଯତ୍ନ ନେବାକୁ ଅସମର୍ଥ ଥିଲେ । ଦାରିଦ୍ର୍ୟ ଏବଂ କଷ୍ଟ ମଧ୍ୟରେ ବଢ଼ିଥିବା ଶର୍ମିଳାଙ୍କୁ କମ୍ ବୟସରେ ବିବାହ କରାଯାଇଥିଲା । ୨୮ ବର୍ଷ ବୟସରେ ଦ୍ୱିତୀୟ ବିବାହ କରିଥିଲେ- ଗରିବ ପରିବାରରୁ ଆସିଥିବା ଶର୍ମିଳାଙ୍କ ଜୀବନ ବିବାହ ପରେ ମଧ୍ୟ ସହଜ ନଥିଲା । ଯୌତୁକ ପାଇଁ ହଇରାଣ କରାଯାଉଥିଲା ଏବଂ ଘରୋଇ ହିଂସାର ଶିକାର ହେବାକୁ ପଡିଥିଲା । ଯେତେବେଳେ ସେ ୨୬ ବର୍ଷ ବୟସରେ ଥିଲେ ଏବଂ ତାଙ୍କର ଦୁଇଟି ଝିଅ ଥିଲେ, ତାଙ୍କ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଇଥିଲେ । ତାଙ୍କ ଦୁଇ ପିଲାଙ୍କ ସହିତ ତାଙ୍କ ବାପାଙ୍କ ଘରକୁ ଫେରିବାକୁ ବାଧ୍ୟ ହୋଇଥିଲେ ।

Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି